**୭୦ବର୍ଷୀୟା ମହିଳାଙ୍କୁ ବଳାତ୍କାର ଉଦ୍ୟମ, ଯୁବକ ଗିରଫ**

ନୀଳଗିରି,(ପ୍ରଶାନ୍ତ ବିଶ୍ୱାଳ)-ନୀଳଗିରି ଥାନା ଅଞ୍ଚଳର ଜଣେ ୭୦ବର୍ଷୀୟା ବୃଦ୍ଧାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଛି। ଏଥିରେ ସମ୍ପୃକ୍ତ ଯୁବକ ରବି ଦଳେଇ(୨୮) ଗିରଫ ହୋଇଛନ୍ତି। ଦିନ ଦ୍ୱିପ୍ରହରରେ ରବି ଏକୁଟିଆ ପାଇ ବୃଦ୍ଧାଙ୍କ ଘରେ ପଶି ଏଭଳି କାଣ୍ଡ ଘଟାଇଛନ୍ତି। ନିକଟରେ ଥିବା ରୋଗାଗ୍ରସ୍ତ ସ୍ୱାମୀ ଚିତ୍କାର କରିବାରୁ ପଡ଼ୋଶୀ ବୃଦ୍ଧାଙ୍କୁ ଯୁବକଙ୍କ କବଳରୁ ରକ୍ଷା କରିଥିଲେ। ଯୁବକଜଣକ ଚମ୍ପଟ ମାରିବାରେ ସଫଳ ହୋଇଥିଲେ। ପରେ ବୃଦ୍ଧା ଥାନା ଦ୍ୱାରସ୍ଥ ହେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ମାମଲା (ନଂ.୧୧୬/୨୪) ରୁଜୁ କରି କୋର୍ଟଚାଲଣ କରିଛି।

## ସଂକ୍ଷେପରେ

### ଔପଦା-ଗଣ୍ଡିବେଡ ରାସ୍ତାରେ ଦୁର୍ଘଟଣା ଜଣେ ମୃତ, ଜଣେ ଗୁରୁତର

ଖଇରା, ୬।୪(ଉତ୍କଳବନ୍ଧୁ ପଣ୍ଡା)-ଗଣ୍ଡିବେଡ-ଔପଦା ରାସ୍ତାର କଖାରୁଆ ଛକରେ ଶନିବାର ଅପରାହ୍ନରେ ବାଇକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀ ପ୍ରାଣ ହରାଇଥିବା ବେଳେ ଅନ୍ୟ ଜଣେ କଲେଜ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି । ଆହତଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ସୋର ଦହିପୁର ଗ୍ରାମର ଖଗେନ୍ଦ୍ର ନାୟକ(୨୫) ନିଜ ସାଥୀଙ୍କ ସହ ବାଇକରେ ଔପଦା ଯାଉଥିବା ବେଳେ ବିପରୀତ ଦିଗରୁ କଖାରୁଆ ଗ୍ରାମ ଅଭିମୁଖେ ଆସୁଥିବା ଔପଦା କଲେଜ ଛାତ୍ରୀ ଶୁଭଲକ୍ଷ୍ମୀ ଆରୁଖ(୧୯)ଙ୍କ ସହ କଖାରୁଆ ଛକରେ ମୁହାଁମୁହିଁ ଧକ୍କା ହୋଇଥିଲା । ଖଗେନ୍ଦ୍ର ଓ ଶୁଭଲକ୍ଷ୍ମୀଙ୍କୁ ଖଇରା ଗୋଷ୍ଠୀକେନ୍ଦ୍ରକୁ ଅଣାଯିବା ପରେ ଖଗେନ୍ଦ୍ରଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି।

### ପ୍ରଶାସନିକ ଅଧିକାରୀ କୈଳାସ ଦାସଙ୍କ ମାତୃବିୟୋଗ

ବାଲେଶ୍ୱର, ୬।୪(ମାନସ ବିଶ୍ୱାଳ)-ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ବରୁଣସିଂ ପଞ୍ଚାୟତର ବରିଷ୍ଠ ପ୍ରଶାସକ କୈଳାସ ଚନ୍ଦ୍ର ଦାସଙ୍କ ମାତା କଲ୍ୟାଣୀ



ଦାସଙ୍କର ଶନିବାର ପରଲୋକ ହୋଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ସାନ ପୁଅ କୈଳାସ ଚନ୍ଦ୍ର ଦାସ ଓ ବୋହୂ ଶାନ୍ତା ଦାସଙ୍କ ସହ ରହୁଥିଲେ। ତାଙ୍କର ଦୁଇ ପୁଅ ଏବଂ ଦୁଇ ଝିଅ ଅଛନ୍ତି। ସ୍ୱର୍ଗତ କଲ୍ୟାଣୀଙ୍କ ସାନ ପୁଅ ଦାସ କ୍ରୀଡ଼ାମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ଓଡ଼ିଶା ସରକାରଙ୍କ ଜଣେ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ବୋହୂ ଶାନ୍ତା ଦାସ ରେମୁଣା ବ୍ଲକର ପଞ୍ଚାୟତ ସମିତିସଭ୍ୟା ଅଟନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ରେମୁଣା ବ୍ଲକ ବରୁଣସିଂ ପଞ୍ଚାୟତ ଏବଂ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

### ପୋଖରୀରୁ ବ୍ୟବସାୟୀଙ୍କ ମୃତଦେହ ଜବତ

ରାଇରଙ୍ଗପୁର,୬।୪(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ହଳଦା ଥାନା ବଡ଼ ଦୁଦୁ ଗ୍ରାମର ଏକ ପୋଖରୀରୁ ଜଣେ ବ୍ୟବସାୟୀଙ୍କ ମୃତଦେହ ଶନିବାର ଜବତ ହୋଇଛି। ସେ ହେଲେ ବିହାର ରାଜ୍ୟ ଟୁରୁ କାୟୁ ହିୟା ଥାନା ଚାରଶାଓ ଗ୍ରାମର ୟୁସ ମିରୟନଙ୍କ ପୁତ୍ର ଏମ. ଡି.ଜାକିର (୩୫)। ସେ ସ୍ଥାନୀୟ ଅଞ୍ଚଳରେ ଫେରି ବେପାର କରୁଥିଲେ। ପୋଖରୀରେ ଗାଧୋଇବାକୁ ଯାଇ ବୁଡ଼ି ଯାଇଥିବା ଆଶଙ୍କା କରାଯାଉଛି। ଖବର ପାଇ ପୋଲିସ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହ ଜବତ କରିଥିଲା। ପୋଲିସ ଅପମୃତ୍ୟୁ ମାମଲା (ନଂ.୭/୨୦୨୪) ରୁଜୁ କରି କରି ରାଇରଙ୍ଗପୁର ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ ପରେ ହସ୍ତାନ୍ତର କରିଥିବା ତଦନ୍ତକାରୀ ଅଫିସର ଅଧିକାରୀ ବିରେନ୍ଦ୍ର କୁମାର ରାଉତ କହିଛନ୍ତି।

# ବାରୁଣୀ ସ୍ନାନ କଲେ ଶ୍ରଦ୍ଧାଳୁ

## କଷାଫଳରେ ବୁଡ଼ ପକାଇଲେ ଲକ୍ଷାଧିକ ଶ୍ରଦ୍ଧାଳୁ

ରୂପସା, ୬।୪(ବାଞ୍ଛାନିଧି ଦେ)-ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ କଷାଫଳ ବାରୁଣୀ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଆଦି ରାଜ୍ୟରୁ ଲକ୍ଷାଧିକ ଶ୍ରଦ୍ଧାଳୁ ସମୁଦ୍ରରେ ବୁଡ଼ ପକାଇ ପୁଣ୍ୟ ଅର୍ଜନ କରିଥିଲେ। ଏହି ମହାବାରୁଣୀ ସ୍ନାନରେ ଲକ୍ଷାଧିକ ଜନସାଧାରଣଙ୍କ ସମାଗମ ହୋଇଥିଲା। ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ସ୍ନାନ ପରେ ବେଳାଭୂମିରେ ପିଣ୍ଡ ପକାଇବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବେଳାଭୂମିରେ ଅବସ୍ଥିତ ଶ୍ରୀ ଜଗନ୍ନାଥ ଓ ପ୍ରଭୁ ସାରଙ୍ଗଦେବଙ୍କ ମନ୍ଦିରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରି ଭୋଗ, ନୈବେଦ୍ୟ ଅର୍ପଣ କରିଥିଲେ। ଖୋଳ, ଝାଞ୍ଜର ତାଳେ ତାଳେ ସଂକୀର୍ତ୍ତନ ଦଳ ହରିନାମ, ସଂକୀର୍ତ୍ତନ କରି ମନ୍ଦିର ପରିକ୍ରମା କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଉଠାଦୋକାନୀ ବେଳାଭୂମିରେ ପସରା ମେଲିଥିଲେ। ମହିଳାମାନେ ଖେଳଣା, ବିଞ୍ଚଣା, ଚଣା ଉଖୁଡ଼ା, ମସିଣା, ପାଛିଆ,



କଷାଫଳ ବାରୁଣୀ ମେଳାରେ ଜନସମାଗମ।

ଚଲା ଚାଲୁଣି ଆଦି ଘରକରଣା ସାମଗ୍ରୀ କିଣୁଥିବା ପରିଲକ୍ଷିତ ହୋଇଥିଲା। ପ୍ରବଳ ଖରା ଓ ଗରମ ଯୋଗୁ ଦହିବରା, ଲସି, ଆଇସକ୍ରିମ ଓ ଥଣ୍ଡା ପାନୀୟ ଦୋକାନୀଙ୍କ ବେପାର ବେଶ୍ ଜମିଥିଲା। ପଞ୍ଚାୟତ କର୍ତ୍ତୃପକ୍ଷ ଓ କମିଟି ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା ହୋଇଥିଲା। ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ପାଇଁ ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ସିଂଲା ଓ ବସ୍ତା ଥାନା ପକ୍ଷରୁ ବ୍ୟାପକ ପୋଲିସ ବାହିନୀ ମୁତୟନ କରାଯାଇଥିଲା।

## ପାଣ୍ଡବଘାଟରେ ଭକ୍ତଙ୍କ ଗହଳି



ବାହାନଗା, ୬।୪(ଅରୂପ କୁମାର ଦାସ)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଆରୁହାବାଡ ପଞ୍ଚାୟତର ରୂପଖଣ୍ଡସ୍ଥିତ ସମୁଦ୍ରକୂଳ ପାଣ୍ଡବଘାଟ ବାରୁଣୀ ସ୍ନାନ ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରି ବୁଡ ପକାଇଥିଲେ। ବାରୁଣୀ ସ୍ନାନ ଯାତ୍ରା ନିମନ୍ତେ ଘାଟ ନିକଟରେ ଥିବା ପଞ୍ଚୁପାଣ୍ଡବ ମନ୍ଦିର ସମ୍ମାରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଛି। ଏହି ବାରୁଣୀ ଯାତ୍ରା ଦୁଇଦିନ ଧରି ଅନୁଷ୍ଠିତ ହେବ। ଶନିବାର ପ୍ରଥମ ଦିନରେ ବିଶ୍ୱଶାନ୍ତି ମହାଯଜ୍ଞ ୧୦ ବ୍ରାହ୍ମଣଙ୍କ ଦ୍ୱାରା ଆୟୋଜନ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଗୋପାଳପୁର ଥାନା ପୋଲିସ୍ ୧ ପ୍ଲାଟୁନ୍ ଫୋର୍ସ ମୁତୟନ କରିଥିବା ବେଳେ କମିଟି ପକ୍ଷରୁ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯାଇଛି।

## ଡଗରା, ଯମୁନାଶୋଳ ମହୋଦଧିରେ ସ୍ନାନ

କାଳିପଦା, ୬।୪(ରାଜଶ୍ରୀ ପାଣିଗ୍ରାହୀ): ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ଡଗରା, ଯମୁନାଶୋଳ ବେଳାଭୂମିରେ ସମୁଦ୍ର ଦେବତାଙ୍କୁ ପୂଜାର୍ଚ୍ଚନା କରି ଲକ୍ଷାଧିକ ଶ୍ରଦ୍ଧାଳୁ ମହୋଦଧିରେ ସ୍ନାନ କରିଥିଲେ। ବାରୁଣୀ ସ୍ନାନ କରିବାକୁ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ଭକ୍ତ ଏହି ମହାସ୍ନାନରେ ସାମିଲ ହୋଇଥାନ୍ତି। ଶନିବାର ସକାଳୁସ୍ନାନ କରିବାକୁଥିବାରୁ ଶୁକ୍ରବାର ଦିନତମାମ ଲୋକମାନେ ସମୁଦ୍ର କୂଳକୁ ଛୁଟି ଆସିଥିଲେ। ଯମୁନାଶୋଳ ବେଳାଭୂମିରେ ମହୋତ୍ସବ ଆୟୋଜନ କରି ହଜାର ହଜାର ଭକ୍ତଙ୍କ ଲାଗି ପ୍ରସାଦସେବନ ବ୍ୟବସ୍ଥା କରିଥିଲେ। ସେହିପରି କଷାଫଳ ଚୈତନ୍ୟ ଦେବଙ୍କ ପ୍ରାଙ୍ଗଣରେ ପ୍ରସାଦସେବନ ବ୍ୟବସ୍ଥା କରିଥିଲେ। ଗ୍ରୀଷ୍ମପ୍ରବାହ ଯୋଗୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜଳଛତ୍ର ଖୋଲାଯାଇଥିଲା। ଲଙ୍ଗଳେଶ୍ୱରଠାରୁ କଷାଫଳ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ହେଉଥିବାରୁ ଲୋକଙ୍କୁ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସମସ୍ତ ସ୍ଥାନରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା।

# ଭାଇଚାରାର ସମ୍ପର୍କକୁ ଦୃଢ଼ କରେ ମହୋତ୍ସବ

## ଚଉମୁଖ ବେଳାଭୂମି ବାରୁଣୀ ମହୋତ୍ସବ ଉଦ୍‌ଘାଟିତ

ବାଲିଆପାଳ, ୬।୪(ଗୋପାଳ ଚନ୍ଦ୍ର ସାହୁ)

ମହୋତ୍ସବ ପରସ୍ପର ମଧ୍ୟରେ ଭାଇଚାରାର ସମ୍ପର୍କକୁ ଦୃଢ଼ କରିଥାଏ ବୋଲି ଶୁକ୍ରବାର ସନ୍ଧ୍ୟାରେ ବାଲେଶ୍ୱର ଜିଲା ଦକ୍ଷିଣ ବାଲିଆପାଳର ସମୁଦ୍ର ଉପକୂଳ ଚଉମୁଖ ବେଳାଭୂମି ବାରୁଣୀ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଚଉମୁଖ ଗ୍ରାମ ସମୁଦ୍ର ବେଳାଭୂମିରେ ଅନୁଷ୍ଠିତ ହୋଇଆସୁଥିବା ବାରୁଣୀ ସ୍ନାନ ମେଳାକୁ ଆକର୍ଷଣୀୟ କରିବା ପାଇଁ ଚଉମୁଖ ଗ୍ରାମବାସୀ ବେଳାଭୂମି ବାରୁଣୀ ମହୋତ୍ସବ ଆରମ୍ଭ କରିଛନ୍ତି। ମହୋତ୍ସବକୁ ଚଉମୁଖ ସରପଞ୍ଚ ବାସନ୍ତୀ ରଣଜିତ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଖଗେନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଖବରଦାତା ଅଜୟ କୁମାର ସାହୁ, ମୁଖ୍ୟବକ୍ତା ବାଲିଆପାଳ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମ୍ୟାନେଜର ବିଜନ କୁମାର ପାତ୍ର, ସମ୍ମାନନୀୟ ଅତିଥି ସାମାଜିକ କର୍ମୀ ତଥା ଖବରଦାତା ଗୋପାଳ ଚନ୍ଦ୍ର ସାହୁ, ଖବରଦାତା ତପନ ମାଝି, ବଂଶୀଧର ବାଗ, ଖବରଦାତା ଦିଲୀପ ଦାସ, ଅଜୟ ଦଳାଇ, ବେଣୁଧର ବେହେରା, ସ୍ୱର୍ଣ୍ଣଲତା କର, ଝୁନା ରାଣୀ ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବାଲିଆପାଳ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜେଶ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସରପଞ୍ଚ ପ୍ରତିନିଧି ବେଣୁଧର ରଣଜିତ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। କମିଟି ସଦସ୍ୟ ଅର୍ଜୁନ ଦାସ, କୃଷ୍ଣ ଦାସ, ଜନ୍ମେଜୟ ପାତ୍ର, ରବୀନ୍ଦ୍ର ପ୍ରଧାନ, ବିନୋଦ କର, ରାମ ରଣା, ଅବସରପ୍ରାପ୍ତ ଶିକ୍ଷକ ରମଣୀ ମଣ୍ଡଳ, ଅଧ୍ୟାପକ ରବୀନ୍ଦ୍ର ନାଥ ବିଶ୍ୱାଳଙ୍କ ସହିତ ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମରେ ସାମିଲ ଥିଲେ।



ବାରୁଣୀ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

# ବାରମ୍ବାର ବିଦ୍ୟୁତ ବିଭ୍ରାଟ: ପରୀକ୍ଷା ଦେଉଥିବା ୪ ଛାତ୍ରୀ ଅସୁସ୍ଥ

ଖଇରା, ୬।୪(ଉତ୍କଳବନ୍ଧୁ ପଣ୍ଡା)

ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଯୋଗୁ ପ୍ରବଳ ଗରମରେ ବାଲେଶ୍ୱର ଜିଲା ଖଇରା କଲେଜରେ ଯୁକ୍ତ ୨ ବିଜ୍ଞାନ ପ୍ରଥମବର୍ଷ ପରୀକ୍ଷା ଦେଉଥିବା ୪ଜଣ ଛାତ୍ରୀ ଗୁରୁତର ହୋଇ ପଡିଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅସୁସ୍ଥ ଛାତ୍ରୀମାନେ ହେଲେ ରାଜଶ୍ରୀ ନାୟକ, ରୋଜାଲିନ ବେହେରା, ପ୍ରଭାସିନୀ ବାରିକ ଓ ଗୀତାଞ୍ଜଳୀ ମହାକୁଡ। ବିଦ୍ୟୁତ ବିଭ୍ରାଟ ଯୋଗୁ ଶ୍ରେଣୀଗୃହରେ ଫ୍ୟାନ ବନ୍ଦ ହୋଇରହିବା ଏଭଳି ପରିସ୍ଥିତି ପାଇଁ ଦାୟୀ ବୋଲି ଅଭିଭାବକ ଶରତ କୁମାର ନାୟକ, ବିଜୟ କୁମାର ବେହେରା, ସଂଯୁକ୍ତା ବାରିକ ପ୍ରମୁଖ ଅଭିଯୋଗ କରିଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ କରାଯାଉଥିବା ଏହି ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି।

# ଭାଜପା ପ୍ରତିଷ୍ଠା ଦିବସରେ ସମାନ୍ତରାଳ ବୈଠକ

ଭୋଗରାଇ, ୬।୪(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ଭାଜପାର ପ୍ରତିଷ୍ଠା ଦିବସ ଶନିବାର ୩ ସ୍ଥାନରେ ପୃଥକ ଭାବେ ବରିଷ୍ଠ ଓ କନିଷ୍ଠମାନଙ୍କର ସମାନ୍ତରାଳ ବୈଠକ ଅନୁଷ୍ଠିତ ହୋଇଛି। ଜଳେଶ୍ୱରପୁର ଆକ୍ସିସ ବ୍ୟାଙ୍କ ଉପରମହଲା, ଥାନାଛକ ଭାଜପା ପାର୍ଟି ଅଫିସ ଓ କମର୍ଦ୍ଦା ପାର୍ଟି ଅଫିସରେ ପ୍ରଧାନମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟ ଓ ଶ୍ୟାମା ମୁଖାର୍ଜୀଙ୍କ ଆଦର୍ଶ ଉପରେ ଆଲୋକପାତ ହୋଇଥିଲା। ବ୍ୟାଙ୍କ ଛାତ ଉପରେ ଆୟୋଜିତ ପ୍ରତିଷ୍ଠା ଦିବସରେ ପୂର୍ବତନ ଭାଜପା ଜିଲା ସମ୍ପାଦକ ସୁନୀଲ କରଙ୍କ ପୌରୋହିତ୍ୟରେ ରାଜ୍ୟ କୃଷକ ମୋର୍ଚ୍ଚାର କାର୍ଯ୍ୟକାରୀ ସଦସ୍ୟ ଶକ୍ତିପଦ ପାଣ୍ଡେ, ବରିଷ୍ଠ ନେତା ଅମଳେନ୍ଦୁ ଦାସ, ନିଶେଷ ଦେବ, ଜୟନ୍ତ ଜେନା, ରତିକାନ୍ତ ହାତୀ, ତାପସ ମହାନ୍ତି ଅନାଦି ରଞ୍ଜନ ମହାପାତ୍ର, ବନମାଳୀ ଦାସ, ନୀଳକଣ୍ଠ ଘୋଷ, ସରପଞ୍ଚ ରାଜେଶ୍ୱରୀ କାମିଳା, ସମିତି ସଦସ୍ୟ ତରଣିକାନ୍ତ ସେନାପତି ପ୍ରମୁଖ ବହୁ ବରିଷ୍ଠ ଭାଜପା ଦଳର ଭୋଗରାଇ ନିର୍ବାଚନମଣ୍ଡଳୀରେ ଜଣେ ବରିଷ୍ଠ ବିଜ୍ଞ ଓ ଯୋଗ୍ୟପ୍ରାର୍ଥୀ ଚୟନ କରାଯାଉ ବୋଲି ସ୍ୱର ଉଠାଇଥିଲେ। ସେହିପରି ଥାନା ଛକ ଭାଜପା ପାର୍ଟି ଅଫିସ ଓ କମର୍ଦ୍ଦା ପାର୍ଟି ଅଫିସରେ ଏମ୍‌ପିଙ୍କ ପ୍ରତିନିଧି ବରିଷ୍ଠ ନେତା ଆଶିଷ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ କମର୍ଦ୍ଦା ଜୋନ ସଭାପତି ଗୋପାଳ ପଣ୍ଡା ପ୍ରମୁଖ ଯୋଗଦେଇ ଭାଜପା ପତାକା ତଳେ ନେତା ଓ କର୍ମୀମାନେ ଏକ ହୋଇ ପ୍ରଧାନମନ୍ତ୍ରୀଙ୍କ ଜନହିତକର ଯୋଜନାକୁ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ସଚେତନ କରାଯିବାକୁ କର୍ମୀ ଓ ନେତାଙ୍କୁ ଆହ୍ୱାନ ଦେଇଥିଲେ। ଭୋଗରାଇ ଭାଜପା ପ୍ରତିଷ୍ଠା ଦିବସରେ ପୃଥକ ଭାବେ ୩ଟି ସ୍ଥାନରେ ସମାନ୍ତରାଳ ବୈଠକ ଦୀର୍ଘଦିନରୁ କୁହୁଳୁଥିବା ଅସନ୍ତୋଷରୁ ବିସ୍ଫୋରକ ସ୍ଥିତି ଉପୁଜିଥିବାର ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

# ସୁବାସିନୀଙ୍କ ମାରାଥନ ପ୍ରଚାର

ରୂପସା, ୬।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ରାଉତପଡା ପଞ୍ଚାୟତରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବସ୍ତା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ଏକ ବିଶାଳ ଶୋଭାଯାତ୍ରାରେ ଘରକୁ ଘର ବୁଲି ଗ୍ରାମାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଓ ସଶକ୍ତିକରଣ ପାଇଁ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆୟୋଜିତ ନିର୍ବାଚନୀ ସଭାରେ ସରପଞ୍ଚ ଅଞ୍ଜୁଳତା ମଣି ଅଧ୍ୟକ୍ଷତା କରିଥିଲେ। ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନ ଓ ବିକାଶଧାରାରେ ଓଡ଼ିଶା ଆଜି ପ୍ରଗତିପଥରେ ଆଗେଇ ଚାଲିଛି ବୋଲି ବକ୍ତବ୍ୟରେ କହିଥିଲେ। ଗାଁକୁ କାମ, ମା'କୁ ସମ୍ମାନ ଏବଂ ସମୃଦ୍ଧ, ବିକଶିତ ଓଡ଼ିଶା ନିର୍ମାଣ ମୂଳମନ୍ତ୍ର ହୋଇଥିବାରୁ ଆଗାମୀ ନିର୍ବାଚନରେ ଦଳକୁ ବିଜୟ କରିବା ପାଇଁ ସେ ଭୋଟ ଭିକ୍ଷା କରିଥିଲେ। ସଭାରେ ଜିଲା ଉପସଭାପତି ସୁବ୍ରତ ପଣ୍ଡା, ବ୍ଲକ ସଭାପତି ଅନୀଲ ମହାନ୍ତି, ଜିଲା ପରିଷଦ ସଭ୍ୟ ଦେବୀକା ସୋରେନ, ବ୍ଲକ ମହିଳା ସଭାପତି ଲିପିକା ରାଉଳ, ସମିତିସଭ୍ୟ ହରେକୃଷ୍ଣ ପାଳ, ପଞ୍ଚାୟତ ସଭାପତି



ଶୋଭାଯାତ୍ରାରେ ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା।

ରତିରଞ୍ଜନ ମହାପାତ୍ର, ପୂର୍ବତନ ସରପଞ୍ଚ ମାୟାଧର ମଣି, ନାଏବ ସରପଞ୍ଚ ସନ୍ତୋଷ କୁମାର ବେହେରା, ଯୁବ ସଭାପତି କୁଶଚରଣ ଜେନା ପ୍ରମୁଖ ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତା ପ୍ରଦାନ କରିଥିଲେ। ପଞ୍ଚାୟତ ଅନ୍ତର୍ଗତ ସମସ୍ତ କର୍ମୀ, ସମର୍ଥକ ଓ ଜନସାଧାରଣ ଉପସ୍ଥିତ ଥିଲେ।

# ମହୁଲ ଫୁଲ ଦେଇଛି ଜୀବିକା

ଜଳେଶ୍ୱର, ୬।୪(ନବୀନ ସାହୁ)

ଆଦିବାସୀଙ୍କ ଜୀବନଜୀବିକା ସହିତ ମହୁଲ ଫୁଲ ବିଶେଷ ଭାବେ ଯୋଡ଼ି ହୋଇରହିଛି। ବିଶେଷକରି ଫଗୁଣ-ଚୈତ୍ର ୨ମାସ ଆଦିବାସୀମାନେ ମହୁଲ ଫୁଲ ସାଉଁଟିବା କାର୍ଯ୍ୟରେ ବ୍ୟସ୍ତ ରୁହନ୍ତି। ୨ମାସର ରୋଜଗାରରେ ବର୍ଷର କିଛି ମାସ ପରିବାର ପ୍ରତିପୋଷଣ ପାଇଁ ମହୁଲ ଫୁଲ ସାହାରା ପାଲଟିଥାଏ। ଜଙ୍ଗଲ ଅଞ୍ଚଳରେ ରହୁଥିବା ଆଦିବାସୀମାନେ ବର୍ଷର ଏହି ମାସକୁ ଚାହିଁ ରହିଥାନ୍ତି। ବଣଜଙ୍ଗଲ ଘେରା ଆଦିବାସୀ ପଡ଼ା ଓ ପଲ୍ଲୀଗୁଡ଼ିକରେ ବସନ୍ତ ଋତୁର ଆଗମନ ସହିତ ମହୁଲଗଛଗୁଡ଼ିକରେ ଫୁଲର ସମ୍ଭାର ଦେଖିବାକୁ ମିଳିଥାଏ। ବନବାସୀମାନେ ଏହି ଦିନରେ ଜଣେ ପ୍ରାୟ ୫ରୁ ୧୦କିଲୋ ପର୍ଯ୍ୟନ୍ତ କଞ୍ଚା ମହୁଲ ଫୁଲ ସାଉଁଟିଥାଆନ୍ତି। ସେହିପରି ଗୋଟିଏ ପରିବାର ମିଶି ୨୦ରୁ ୨୫କି.ଗ୍ରା. ମହୁଲ ଫୁଲ ସଂଗ୍ରହ କରନ୍ତି। ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ମହିଳା, ପୁରୁଷ ଜଙ୍ଗଲରେ ଥିବା ମହୁଲ ଗଛ ତଳେ ଭିଡ଼ ଲଗାଇ ମହୁଲ ଫୁଲକୁ ଗୋଟାଇବାରେ ବ୍ୟସ୍ତ ରହିଥାନ୍ତି।

ଜଳେଶ୍ୱର ବ୍ଲକ୍‌ର ରାଇବଣିଆ ଅଞ୍ଚଳର ଭଡ଼ରା ପଦା, ଭୋଲୋ, ବାଗ



ଜଣେ ମହିଳା ମହୁଲ ଫୁଲ ସଂଗ୍ରହ କରୁଛନ୍ତି।

ବୁଡ଼ା, କେନ୍ଦୁଖୁଣ୍ଟା, ଝୁଆଡ଼, ହରିଣାବନ୍ଧ, ଲୁହାପଡ଼ା, ସର୍ଦ୍ଦାରବନ୍ଧ, ଶ୍ୟାମନଗର ଗ୍ରାମର ଆଦିବାସୀମାନେ ପ୍ରତିଦିନ ମହୁଲ ଫୁଲ ଗୋଟାଇବାକୁ ଯାଇଥାନ୍ତି। ଏହାକୁ ୪ରୁ ୫ଦିନ ପର୍ଯ୍ୟନ୍ତ ଖରାରେ ଶୁଖାଇବାକୁ ପଡ଼ିଥାଏ। ମହୁଲ ଫୁଲ ଶୁଖିଯାଇ ଲାଲ୍ ପଡ଼ିଯିବା ପରେ ଏହାକୁ ମହୁଲ କୁହାଯାଏ। ଏହାକୁ ବଜାରରେ ବିକ୍ରି କରାଯାଏ। ମହୁଲ ଫୁଲରୁ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ମଧ୍ୟ ପ୍ରସ୍ତୁତ ହୋଇଥାଏ। ମହୁଲକୁ ସିଝାଇ, ଭାଜି, ଗୁଣ୍ଡ କରି ପିଠା, ପୁର ଆଦି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଏ। ମହୁଲ ଫୁଲର ସ୍ୱାଦ ଖୁବ ମିଠା ଓ ଓ ପୁଷ୍ଟିକର ବୋଲି ଆଦିବାସୀମାନେ କହିଥାନ୍ତି। ବଜାରରେ ମହୁଲ ଫୁଲର ଦର କି.ଗ୍ରା. ପ୍ରତି ୨୦ରୁ ୩୦ଟଙ୍କା ପର୍ଯ୍ୟନ୍ତ ରହିଥାଏ। କିନ୍ତୁ ମହୁଲ ଫୁଲକୁ ମହୁଲି ମଦ ପ୍ରସ୍ତୁତିରେ ପୋଚ ଭାବରେ ବ୍ୟବହାର କରାଯାଉଥିବାରୁ ଏହାର ବିକ୍ରିବଟା ଓ ପରିବହନ ଉପରେ ସରକାରୀ କଟକଣା ରହିଛି। ତେଣୁ ଚଳିତବର୍ଷ ମହୁଲ ଫୁଲର ଦର ବଢ଼ିବା ତ ଦୂରର କଥା ଏହାର ଅଭାବୀ ବିକ୍ରି ଦେଖାଦେଇଛି। କିଲୋ ପ୍ରତି ଦର ୩୦ ଟଙ୍କାରେ ବିକ୍ରି ହେବା ମଧ୍ୟ କଷ୍ଟକର ହୋଇପଡ଼ିଥିବା ମହୁଲ ସଂଗ୍ରହ କରୁଥିବା ଲୋକେ କହିଛନ୍ତି।

# 'ସମସାମୟିକ ବ୍ୟବସାୟ ପରିଚାଳନା ଏକ ସମନ୍ୱିତ ଉପାୟ'

## ଆନ୍ତର୍ଜାତିକ ବିଜନେସ କନକ୍ଲେଭ-୨୦୨୪

ବାଲେଶ୍ୱର, ୬।୪(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ବାଣିଜ୍ୟ, ପିଏମ୍‌ଆଇଆର୍ ଓ ବ୍ୟବସାୟ ପରିଚାଳନା ବିଭାଗର ମିଳିତ ସହଯୋଗରେ ଦୁଇଦିନିଆ ଆନ୍ତର୍ଜାତୀୟ ପରିଚାଳନା କନକ୍ଲେଭ-୨୦୨୪ ଶନିବାର ଅନୁଷ୍ଠିତ ହୋଇଯାଇଛି। 'ସମସାମୟିକ ବ୍ୟବସାୟ ପରିଚାଳନା ଏକ ସମନ୍ୱିତ ଉପାୟ' ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

ଉଦ୍‌ଘାଟନୀ ଉତ୍ସବକୁ ଆସିଷ୍ଟାଣ୍ଟ ପ୍ରଫେସର ସଲୋନୀ ମଲ୍ଲିକ ଉପସ୍ଥାପନ କରିଥିଲେ। ସମ୍ମିଳନୀର ପ୍ରମୁଖ ଉଦ୍ଦେଶ୍ୟ ସମ୍ପର୍କରେ ବିଭାଗ ମୁଖ୍ୟ ପ୍ରଫେସର ପଦ୍ମଲିତା ରାଉତରାୟ ଅବଗତ କରାଇଥିଲେ ଓ ଡ. ଦେବଦତ୍ତ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି




କନକ୍ଲେଭରେ ଉପସ୍ଥିତ ଅତିଥିଗଣ।

ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତା କରି ଏକତ୍ର ଆଗକୁ ବଢ଼ିବା ଓ ଉନ୍ନତି ସାଧନକୁ ବିଶ୍ୱବିଦ୍ୟାଳୟର ସାମୂହିକ ବିଚାର ଉପରେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଝାଡ଼ଖଣ୍ଡ ସେଣ୍ଟ୍ରାଲ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କ୍ଷିତିଭୂଷଣ ଦାସ ଯୋଗଦେଇ ପ୍ରାକୃତିକ ବୁଦ୍ଧିର ଉପଯୋଗ ସହ ବ୍ୟବସାୟଟିଏ ବଞ୍ଚି ରହିବା, ଏହାର ସ୍ଥିରତା ଏବଂ ବ୍ୟବସାୟ ପରିଚାଳନାରେ ଅଭିବୃଦ୍ଧି ହୋଇପାରିବା ନେଇ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ସେଣ୍ଟ ଆମ୍ବ୍ରୋଜ ବିଶ୍ୱବିଦ୍ୟାଳୟ (ୟୁଏସ୍‌ଏ) ମ୍ୟାନେଜମେଣ୍ଟ ବିଭାଗ ପ୍ରଫେସର ଓ ନିର୍ଦ୍ଦେଶକ ଡ. ମୋନିକା ଫୋରେଟ ଯୋଗଦେଇ ସାମ୍ପ୍ରତିକ ସମୟରେ ମାନବ ପୁଞ୍ଜି ଏବଂ ସାମାଜିକ ପୁଞ୍ଜିର ଆମ ଜୀବନରେ ପ୍ରଭାବ ତଥା ସାମାଜିକ ନେଟୱର୍କ ସ୍ଥାପନର ମହତ୍ତ୍ୱ ସମ୍ପର୍କରେ ଦୃଷ୍ଟିପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବଙ୍ଗଳାଦେଶସ୍ଥିତ ବ୍ୟବସାୟ କୃଷି ଏବଂ ପ୍ରଯୁକ୍ତିବିଦ୍ୟା ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କୁଳପତି ଡ. ଅବଦୁର ରବ ଆଭାସୀ ମାଧ୍ୟମରେ ଓ ନେପାଳସ୍ଥିତ ୟୁନିଗ୍ଲୋବ କଲେଜର ଏକାଡ଼େମୀକ ନିର୍ଦ୍ଦେଶକ ପ୍ରଫେସର ରାଧେଶ୍ୟାମ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦ ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ସମ୍ମିଳନୀର ପୃଷ୍ଠପୋଷକତା ଦାୟିତ୍ୱ ଗ୍ରହଣ କରିଥିଲେ ଓ ଏହି ସମ୍ମିଳନୀରେ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧନ କରିଥିଲେ। ସମ୍ମିଳନୀରେ ୫୦ରୁ ଊର୍ଦ୍ଧ୍ୱ ବିଜନେସ ମ୍ୟାନେଜମେଣ୍ଟ ବିଶେଷଜ୍ଞ ଯୋଗଦେଇଥିବା ବେଳେ ୯୧ଜଣ ଗବେଷକ ନିଜର ସନ୍ଦର୍ଭ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମର ସହସଂଯୋଜକ ଡ. ଆର୍ତ୍ତବନ୍ଧୁ ଜେନା ଧନ୍ୟବାଦ ଦେଇଥିଲେ।

# ଶ୍ରମିକ କାର୍ଡ ହାତେଇଛନ୍ତି ଅଣଶ୍ରମିକ

## ବାଦ୍ ପଡୁଛନ୍ତି ଯୋଗ୍ୟ ହିତାଧିକାରୀ

ଭଦ୍ରକ,୬।୪ (ସନାତନ ରାଉତ)

ଭଦ୍ରକ ଜିଲାରେ ଶ୍ରମିକ କାର୍ଡ ହାତେଇଛନ୍ତି ବହୁ ଅଣଶ୍ରମିକ। ଫଳରେ ପ୍ରକୃତ ଶ୍ରମିକ ଶ୍ରମକାର୍ଡରୁ ବଞ୍ଚିତ ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଜିଲାରେ ଏବେ ନିର୍ମାଣ ଶ୍ରମିକ କାର୍ଡ ସଂଖ୍ୟା ଦେଢ଼ ଲକ୍ଷ ଟପିଥିବା ବେଳେ ବହୁ ଶ୍ରମିକ ଏଥିରୁ ବାଦ୍ ପଡ଼ିଛନ୍ତି। ଜିଲା ଶ୍ରମ କାର୍ଯ୍ୟାଳୟ ଦଲାଲଙ୍କ କବ୍ଜାରେ ରହିଛି। ଦଲାଲଙ୍କୁ ନ ଧରିଲେ ଗ୍ରାମାଞ୍ଚଳର ସାଧାରଣ ଶ୍ରମିକଟିଏ କାର୍ଡ ପାଇବା କଷ୍ଟକର ହୋଇପଡୁଛି। ଗୋଟିଏ ଶ୍ରମ କାର୍ଡ କରାଇ ଦେବାକୁ ୧୫ ଶହରୁ ଊର୍ଦ୍ଧ୍ୱ ଟଙ୍କା ଲାଞ୍ଚ ଦେବାକୁ ପଡୁଛି ବୋଲି ପଞ୍ଜୀକରଣ ପାଇଁ ଆସୁଥିବା ଶ୍ରମିକମାନେ ଅଭିଯୋଗ କରୁଛନ୍ତି। କିଛି ଅନାମଧେୟ ଶ୍ରମିକ ସଙ୍ଗଠନ କାର୍ଡ କରାଇ ଦେବାକୁ କହି ଦଲାଲ କାମ କରୁଛନ୍ତି। ଗାଁ ଗାଁରେ ବୁଲି ନିର୍ମାଣ ଶ୍ରମିକମାନଙ୍କ ପାଖରୁ ଫର୍ମ ପୂରଣ କରି କାର୍ଡ କରାଇ ଦେବା ପର୍ଯ୍ୟନ୍ତ ସବୁକାମ କରାଇଦେବେ କହି ଟଙ୍କା ଆଦାୟ କରୁଛନ୍ତି। କିଛି ବର୍ଷ ତଳେ ମଧ୍ୟ ଭଦ୍ରକ ଶ୍ରମ କାର୍ଯ୍ୟାଳୟରେ କିଛି ନକଲି କାର୍ଡ଼ ହୋଇଥିବା ନେଇ ଚର୍ଚ୍ଚା ହୋଇଥିଲା। ୨୦୨୩ ଶେଷ ସୁଦ୍ଧା ଶ୍ରମ କାର୍ଯ୍ୟାଳୟରେ ୧ ଲକ୍ଷ ୬୫ ହଜାର ୬୭୨ ଶ୍ରମିକଙ୍କ ନାମ ପଞ୍ଜୀକରଣ ହୋଇସାରିଛି। ଶ୍ରମିକ ହୁଅନ୍ତୁ କି ନ ହୁଅନ୍ତୁ ଶ୍ରମିକ ସଙ୍ଗଠନ ମଞ୍ଜୁରୀ ପତ୍ର ଦେବା ପରେ ଶ୍ରମିକ କାର୍ଡ ମିଳିପାରୁଛି। ନିର୍ମାଣ ଶ୍ରମିକମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଯନ୍ତ୍ରପାତି ଯୋଗାଇ ଦେବା, ସାଇକେଲ ଦେବା, ପିଲାମାନଙ୍କୁ ଶିକ୍ଷାବୃତ୍ତି ପ୍ରଦାନ, ଝିଅ ବାହାଘର ପାଇଁ ସହାୟତା ରାଶି ପ୍ରଦାନ ଆଦି ବହୁ କଲ୍ୟାଣକାରୀ ଯୋଜନା ପ୍ରଣୟନ ହୋଇଥିବାରୁ ଏହି ସୁବିଧା ହାତେଇବାକୁ ଅଣଶ୍ରମିକମାନେ ବିଭିନ୍ନ ଉପାୟରେ କାର୍ଡ ହାତେଇ ନେଉଛନ୍ତି। ଶ୍ରମିକ ନେତାଙ୍କଠାରୁ ଆରମ୍ଭ କରି ଶ୍ରମିକ ଓ ଅଣଶ୍ରମିକମାନଙ୍କ କାର୍ଡ ହାତେଇବା ପାଇଁ ପ୍ରତିଦିନ ଶ୍ରମ କାର୍ଯ୍ୟାଳୟ ଆଗରେ ଲମ୍ବା ଧାଡ଼ି ଲାଗୁଛି। ଏନେଇ ଜିଲା ଶ୍ରମ ଅଧିକାରୀ ପ୍ରେମ ମଞ୍ଜରୀ ନାୟକ କହିଛନ୍ତି, ନିୟମ ଅନୁସାରେ ଶ୍ରମ କାର୍ଡ ପ୍ରସ୍ତୁତ କରାଯାଉଛି, ଲାଞ୍ଚ ନିଆଯାଉଥିବା ନେଇ କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### ଗ୍ରୀଷ୍ମପ୍ରବାହ ଯୋଗୁ ସ୍କୁଲ ସମୟ ପରିବର୍ତ୍ତନ

ଭଦ୍ରକ, ୬।୪ (ସନାତନ ରାଉତ/ରବିନାରାୟଣ ଖିଲାର)

ଗ୍ରୀଷ୍ମ ପ୍ରବାହ ବୃଦ୍ଧି ଯୋଗୁ ଭଦ୍ରକ ଜିଲାରେ ସ୍କୁଲ ସମୟରେ ପରିବର୍ତ୍ତନ କରାଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅନୁମୋଦନକ୍ରମେ ଜିଲାର ସମସ୍ତ ସରକାରୀ, ଘରୋଇ, ଅନୁଦାନପ୍ରାପ୍ତ ୧ମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଥିବା ସମସ୍ତ ସ୍କୁଲ ଏବଂ ଅଙ୍ଗନୱାଡି କେନ୍ଦ୍ର ସକାଳ ୬ଟା ୩୦ରୁ ଖୋଲାଯାଇ ପୂର୍ବାହ୍ନ ୧୦ଟା ୩୦ରେ ଛୁଟି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଶିକ୍ଷାନୁଷ୍ଠାନରେ ପାନୀୟ ଜଳ, ଓଆର୍‌ଏସ୍ ପ୍ୟାକେଟ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ମହଜୁଦ ରଖିବାକୁ ସମସ୍ତ ପ୍ରଧାନଶିକ୍ଷକ ଓ ପ୍ରିନ୍ସିପାଲଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରାବାସ ବା ଆବାସିକ ବ୍ୟବସ୍ଥା ଥିବା ସ୍କୁଲଗୁଡ଼ିକରେ ମଧ୍ୟ ଯଥେଷ୍ଟ ଜଳ, ଓଆର୍‌ଏସ୍ ଓ ଫାଷ୍ଟଏଡ୍ ବାକ୍ସ ସୁବିଧା ଉପଲବ୍ଧ ନେଇ ନିଶ୍ଚିତତା କରାଇବାକୁ କୁହାଯାଇଛି। ସ୍କୁଲରେ କ୍ରୀଡ଼ା, ଡ୍ରିଲ ଆଦି ପିଲାମାନଙ୍କ ପାଇଁ ନିଷେଧ କରାଯାଇଛି। ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ଏହି ନିର୍ଦ୍ଦେଶ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## କାବ୍ୟକାର ପଣ୍ଡିତ ଶିବପ୍ରସାଦଙ୍କ ସ୍ମୃତିସଭା

ବାସୁଦେବପୁର,୬।୪ (ନାରାୟଣ ପ୍ରସାଦ ବାରିକ)

ବାସୁଦେବପୁର ଅଞ୍ଚଳର ବିଶିଷ୍ଟ ସାରସ୍ୱତ ସାଧକ କାବ୍ୟକାର ତଥା ନିରପେକ୍ଷ ଜମି ସର୍ବେକ୍ଷଣକାରୀ ପଣ୍ଡିତ ଶିବ ପ୍ରସାଦ ଦାଶଙ୍କ ଦ୍ୱାଦଶାହ ଅବସରରେ ଆର୍ତ୍ତୁସ୍ଥିତ ତାଙ୍କ ବାସଭବନରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଦୁଶାସନ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲିକ, ସାହିତ୍ୟିକ ଇଂ. ଅଭୟ ସୂତାର, ଗୀତିକାର ପୀତାମ୍ବର ମିଶ୍ର, ସାମାଜିକ କର୍ମୀ ଦୀନବନ୍ଧୁ ପତି, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ଜିଲା ପରିଷଦ ସଦସ୍ୟ ଯଦୁନାଥ ନାୟକ, ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ପଣ୍ଡା, କବି ବିକାଶ ଶତପଥୀ, ଭାଗୀରଥି ପଲେଇ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ 'ସ୍ମରଣୀୟ ସାରସ୍ୱତ ସାଧକ ପଣ୍ଡିତ ଶ୍ରୀ ଶିବପ୍ରସାଦ ଦାଶ' ସ୍ମରଣିକା ଉନ୍ମୋଚନ କରାଯାଇଛି। ସେହିପରି ଶିବପ୍ରସାଦଙ୍କ 'ବାଲ୍ୟ କୈଶୋର ଯୌବନ' ଓ କବିତା ସମଗ୍ର ପୁସ୍ତକ ଉନ୍ମୋଚିତ ହୋଇଥିଲା। ସ୍ୱର୍ଗତ ଦାଶଙ୍କ ସାନପୁଅ ତଥା ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ, ଅରୁଣ କୁମାର ଦାଶ, ଅଜିତ କୁମାର ଦାଶଙ୍କ ସମେତ ପରିବାର ସଦସ୍ୟମାନେ ସ୍ମୃତିଚାରଣ କରିଥିଲେ।

## ମୁଗ ଫସଲ କ୍ଷେତ୍ର ପରିଦର୍ଶନ କଲେ କୃଷି ଅଧିକାରୀ



କ୍ଷେତ୍ର ପରିଦର୍ଶନ ସମୟରେ କୃଷି ଅଧିକାରୀ ଓ ଚାଷୀ।

ଧାମନଗର,୬।୪ (ସନ୍ତୋଷ କୁମାର ମହାପାତ୍ର)

ରାଜ୍ୟ ସରକାରଙ୍କ ପକ୍ଷରୁ କୃଷି ଓ କୃଷକଙ୍କ ଆର୍ଥିକ ଅଭିବୃଦ୍ଧି ସହ ଉନ୍ନତମାନର ଚାଷ ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଚଳିତବର୍ଷ ଧାମନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ ଶତାଧିକ ହେକ୍ଟର ଜମିରେ ମୁଗ ଚାଷ କରାଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ନାରାୟଣ ଉପାଧ୍ୟାୟ, ଧାମନଗର ବ୍ଲକ କୃଷି ଅଧିକାରୀ ଭାସ୍କର ଚନ୍ଦ୍ର ଦାସଙ୍କ ସମେତ ଅନ୍ୟ କୃଷି ଅଧିକାରୀ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ଚାଷକୁ ରୋଗ ଓ ଜୀବାଣୁମୁକ୍ତ କରିବା ସହ କିପରି ଅଧିକ ଫସଲ ଅମଳ ହୋଇପାରିବ ଏବଂ ଏହାର ନିରାକରଣ ନିମିତ୍ତ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି।

କୃଷି ଅଧିକାରୀମାନେ ପଧାନୀ ପଞ୍ଚାୟତର କଣ୍ଟିଦୋଳ ଓ ପଧାନୀରେ ହେଇଥିବା ମୁଗ ଫସଲ ବୁଲି ଦେଖିଥିଲେ। ମୁଗ ଫସଲରେ ଲାଗୁଥିବା ପୋକକୁ ନିୟନ୍ତ୍ରଣ ପାଇଁ ଆଲୋକ ଜନ୍ତା ଓ ଫେରୋମନ ଯନ୍ତାର ବ୍ୟବହାର ବିଷୟରେ ସେମାନେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ଏଥିସହ ଉତ୍ପାଦିତ ମୁଗ ନିର୍ଦ୍ଧାରିତ ସରକାରୀ ମୂଲ୍ୟରେ ବିକ୍ରୟ କରିବାକୁ ଚାଷୀଙ୍କୁ ଅବଗତ କରିବା ସହ କେତେକ ବୈଷୟିକ ଦିଗ ଉପରେ ଆଲୋଚନା ମଧ୍ୟ କରିଥିଲେ। ଉକ୍ତ ପଞ୍ଚାୟତରେ ୧୫୦ ହେକ୍ଟର ମୁଗ ଫସଲ କରାଯାଇଛି। ପରିଦର୍ଶନ ବେଳେ ଭଦ୍ରକ ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ରର ସଞ୍ଜୟ କୁମାର ମହାନ୍ତି, ବ୍ଲକ କୃଷି ସଂଯୋଜକ ସୁଶାନ୍ତ କୁମାର ଲେଙ୍କା, କୃଷି ଅଧିକାରୀ ଅବିନାଶ କୁମାର ଜେନାଙ୍କ ସହ ସିଆର୍‌ପି, କୃଷକସାଥୀ ଓ ଚାଷୀମାନେ ଉପସ୍ଥିତ ଥିଲେ।

## ବିଜେଡିରେ ମିଶିଲେ ଭାଜପା, କଂଗ୍ରେସ କର୍ମୀ

ବାସୁଦେବପୁର, ୬।୪ (ନାରାୟଣ ପ୍ରସାଦ ବାରିକ)



ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ସହ ବିଜେଡି କର୍ମକର୍ତ୍ତା ଓ ନୂତନ କର୍ମୀ।

ବାସୁଦେବପୁର ବ୍ଲକ ନାୟକାଣିଡିହୀ ପଞ୍ଚାୟତର ୯ ନଂ. ୱାର୍ଡରେ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ ଏଥିରେ ଯୋଗଦେଇ ଆଗାମୀ ନିର୍ବାଚନରେ ଦଳ ପୁଣି କ୍ଷମତାକୁ ଫେରିବ ଓ ଷଷ୍ଠଥର ପାଇଁ ନବୀନ ବାବୁ ମୁଖ୍ୟମନ୍ତ୍ରୀ ହେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବାସୁଦେବପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ଭାବେ ବିଷ୍ଣୁବ୍ରତ ପୁନର୍ବାର ପ୍ରାର୍ଥୀ ହୋଇଥିବାରୁ ତାଙ୍କୁ ବିଜୟୀ କରିବାକୁ ଦଳୀୟ କର୍ମୀମାନେ ସଂକଳ୍ପ ନେଇଥିଲେ। ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାଶ, ପୂର୍ବତନ ବ୍ଲକ ଭାଇସ୍ ଚେୟାରମ୍ୟାନ ବିଚିତ୍ର ପରିଡ଼ାଙ୍କ ସମେତ ଆଗଧାଡ଼ିର କର୍ମୀମାନେ ଉପସ୍ଥିତ ଥିଲେ।

## 'ଭାରତ ବିକାଶ ପରିଷଦ ସଙ୍ଗଠନ ନୁହେଁ ଆନ୍ଦୋଳନ'

ଭଦ୍ରକ, ୬।୪ (ସନାତନ ରାଉତ)

ଗାଁରେ ଲୋପ ପାଇଯାଇଥିବା ଭାଗବତ ଟୁଙ୍ଗୀର ପୁନରୁଦ୍ଧାର, ପରିବେଶ ସୁରକ୍ଷା ପାଇଁ ଚାରାରୋପଣ, ଅସହାୟ ଅନାଥ ପିଲାଙ୍କୁ ଥଇଥାନ, ଶିକ୍ଷା ପ୍ରଦାନ ଆଦି କ୍ଷେତ୍ରରେ କାମ କରିବା ସହ ସବୁ କ୍ଷେତ୍ରରେ ବିକାଶ କରିବା ଭାରତ ବିକାଶ ପରିଷଦର ମୁଖ୍ୟ ଲକ୍ଷ୍ୟ। ବନ୍ତଛକସ୍ଥିତ ହୋଟେଲ ସିଟି ରେସିଡେନ୍ସି ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀରେ ପରିଷଦର ଭଦ୍ରକ ଶାଖା ସଭାପତି ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ରାମଚନ୍ଦ୍ର ପଣ୍ଡା କହିଥିଲେ। ଶାଖାର କାର୍ଯ୍ୟପନ୍ଥା ଓ ଆଗାମୀ ଲକ୍ଷ୍ୟ ବିଷୟରେ ସେ ଆଲୋକପାତ କରିଥିଲେ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ଗଢ଼ି ଉଠିଥିବା ଅନେକ ସାମାଜିକ ସଙ୍ଗଠନ ମଧ୍ୟରୁ ଭାରତୀୟ ଦର୍ଶନ ଏବଂ ମୂଲ୍ୟବୋଧକୁ କେନ୍ଦ୍ର କରି ସେବା ଏବଂ ସଂସ୍କାର ମାଧ୍ୟମରେ ଭାରତର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ ଭାରତ ବିକାଶ ପରିଷଦ। ଏହା ଏକ ସଙ୍ଗଠନ ନୁହେଁ ଆନ୍ଦୋଳନ ବୋଲି ସେ କହିଥିଲେ। ଶାଖା ସମ୍ପାଦକ ଇଂ. ପ୍ରଦୀପ ପୁହାଣ କହିଥିଲେ ସେବା, ସହଯୋଗ, ସଂସ୍କାର, ସମର୍ପଣ ଓ ସମ୍ପର୍କ ଏହି ୫ ଆଧାରରେ ପରିଷଦ କାମ କରୁଛି। ସାଧାରଣ ନିର୍ବାଚନରେ ସମସ୍ତ ନାଗରିକ ରାଷ୍ଟ୍ର ଗଠନରେ ନିଜର ମତଦାନ କରିବାର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବା ସହ ଅନ୍ୟମାନଙ୍କୁ ନିର୍ବାଚନରେ ସାମିଲ ହେବା ପାଇଁ ସଚେତନ କରିବାକୁ କୋଷାଧ୍ୟକ୍ଷ ଇଂ. ବିଭୁ କଲ୍ୟାଣ ସ୍ୱାଇଁ ଆହ୍ୱାନ ଦେଇଥିଲେ। ପରିଷଦ ପକ୍ଷରୁ ଆଇନ ପରାମର୍ଶଦାତା ଭାବେ ଆଇନଜୀବୀ ହିମାଂଶୁ ଶେଖର ମହାନ୍ତିଙ୍କୁ ମନୋନୀତ କରାଯାଇଥିବା ଘୋଷଣା କରାଯାଇଥିଲା। ଭଦ୍ରକ ଶାଖାର ସଦସ୍ୟ ଆଶିଷ ଦ୍ୱିବେଦୀ, ସଞ୍ଜୟ ରାଉତ, ସମୀର ଘଡ଼େଇ, କଲ୍ୟାଣୀ ପ୍ରଭା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଶଙ୍ଖ ଚିହ୍ନ ପ୍ରଚାର ଗାଡ଼ିକୁ ବିରୋଧ

ଚାନ୍ଦବାଲି,୬।୪ (କିଷାନ ପାତ୍ର)

ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀରେ ଏଲ୍‌ଇଡି ଲାଗିଥିବା ଏକ ଟାଟାମ୍ୟାଜିକ ଗାଡ଼ିରେ ମୁଖ୍ୟମନ୍ତ୍ରୀ ଓ ଶଙ୍ଖ ଚିହ୍ନକୁ ଭୋଟ ଦେବାକୁ ପ୍ରଚାର କରୁଥିବା ଏକ ଗାଡ଼ିକୁ ଭାଜପା କର୍ମୀ ବିରୋଧ କରିଛନ୍ତି। ଶନିବାର ଚାନ୍ଦବାଲି ବସ୍‌ଷ୍ଟାଣ୍ଡ ନିକଟରେ ଏହି ପ୍ରଚାର ଗାଡ଼ି ଦେଖିବାକୁ ମିଳିଥିଲା। ଆଦର୍ଶ ଆଚରଣ ବିଧି ଆଇନକୁ ଉଲ୍ଲଂଘନ କରି ବିଜେଡି ପ୍ରଚାର କରୁଥିବା ଅଭିଯୋଗ ହୋଇଛି। ପ୍ରାର୍ଥୀଙ୍କ ନୋମିନେସନ ନ ହେବା ଯାଏ ଗାଡ଼ିରେ ପ୍ରଚାର କରିପାରିବେ ନାହିଁ ଆଇନକୁ ଉଲ୍ଲଂଘନ କରାଯାଇଛି। ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ ତୁରନ୍ତ ଏହି ଗାଡ଼ିକୁ ଜବତ ନ କଲେ ଆଗାମୀ ଦିନରେ ଯାହା ହେବ ସେମାନେ ଦାୟୀ ରହିବେ ବୋଲି ଭାଜପା ନେତା ସନ୍ତୋଷ ବାରିକ, ପାରିଜଦ ଚନ୍ଦନ ରାଉତ, ସୁଶାନ୍ତ ମହାନ୍ତି, ସ୍ମିତିରଞ୍ଜନ ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ବାକି କାମ ସମ୍ପୂର୍ଣ୍ଣ କରିବି: ସଞ୍ଜୀବ




କର୍ମୀ ବୈଠକରେ ବିଧାୟକ ସଞ୍ଜୀବ ମଲ୍ଲିକ ଓ ଅନ୍ୟମାନେ।

ବନ୍ତ,୬।୪ (ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାନସଭା ଆସନରେ ବିଜେଡି ପକ୍ଷରୁ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କୁ ପ୍ରାର୍ଥୀ କରାଯାଇଛି। ପ୍ରାର୍ଥୀ ଘୋଷଣା ପରେ ନିର୍ବାଚନମଣ୍ଡଳୀ ପ୍ରଚାରରେ ବାହାରିବା ପୂର୍ବରୁ ସଞ୍ଜୀବ ଭଦ୍ରକଠାରେ ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକର ନେତା, କର୍ମୀମାନଙ୍କୁ ନେଇ ପୃଥକ୍ ବୈଠକ କରିଛନ୍ତି। ଏହି ନିର୍ବାଚନମଣ୍ଡଳୀ ତାଙ୍କ ପାଇଁ ନୂଆ ହୋଇଥିବା ବେଳେ ସେ ଦଳୀୟ ନେତା ଓ କର୍ମୀମାନଙ୍କ ସହ ପରିଚିତ ହୋଇ ବିଭିନ୍ନ ସାଙ୍ଗଠନିକ ଏବଂ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଦୁଇ ବ୍ଲକର ଖବରଦାତାମାନଙ୍କ ସହ ବନ୍ଧୁମିଳନ ଅବସରରେ ଗତ ୫ ବର୍ଷ ଭଦ୍ରକ ବିଧାନସଭା କ୍ଷେତ୍ରରେ ବହୁ ବିକାଶମୂଳକ କାର୍ଯ୍ୟ କରିଥିବା ସେ କହିଥିଲେ। ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଫୁଲ୍ଲ ସାମଲ ୧୫ ବର୍ଷ ଧରି ବିଧାୟକ ରହି ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି। ତେବେ ସେ ଭଣ୍ଡାରିପୋଖରୀ ବିଧାୟକ ହେଲେ ବାକି ଥିବା ସମସ୍ତ କାର୍ଯ୍ୟ ଆଗାମୀ ୫ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରିବେ ବୋଲି ସଞ୍ଜୀବ ପ୍ରତିଶ୍ରୁତି ଦେଇଛନ୍ତି।

## ଜଗତେଶ୍ୱରଙ୍କ ପ୍ରତିଷ୍ଠା ଉତ୍ସବ

ଧାମନଗର,୬।୪ (ଦେବେନ୍ଦ୍ର ଆଦିଆ)



ଧାମନଗର ବ୍ଲକର ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ବାଲିପାଟଣା ଗ୍ରାମରେ ଥିବା ବାବା ଜଗତେଶ୍ୱର ମହାଦେବଙ୍କ ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂଜକ ରବିନାରାୟଣ ଦୀକ୍ଷିତ, ହରିଶଙ୍କର ଦୀକ୍ଷିତ ଓ ଶିବଶଙ୍କର ନନ୍ଦଙ୍କ ଦ୍ୱାରା ମହାରୁଦ୍ର ପୂଜାର୍ଚ୍ଚନା କରାଯାଇଥିଲା। ସ୍ଥାନୀୟ ବୈତରଣୀ ନଦୀରୁ ଗ୍ରାମବାସୀଙ୍କ ଦ୍ୱାରା ଘଟ ଉତ୍ତୋଳନ କରାଯାଇ ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ସ୍ଥାପନା କରାଯାଇଥିଲା। ସୂର୍ଯ୍ୟପୂଜା, ମହା ରୁଦ୍ରାଭିଷେକ, ବେଦପାଠ ଓ ହୋମଯଜ୍ଞ ମନ୍ତ୍ର ଉଚ୍ଚାରଣରେ ମଣ୍ଡପ ପ୍ରକମ୍ପିତ ହୋଇଥିଲା। ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା। ସଂକଳ୍ପ କର୍ତ୍ତାକର୍ତ୍ତା ଭାବେ ବୃନ୍ଦାବତୀ ପାତ୍ର ଓ ଗଙ୍ଗାଧର ପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମର ବିଳାସିନୀ ପାତ୍ର, ସସ୍ମିତା ପାତ୍ର, ଅହଲ୍ୟା ସାହୁ ପ୍ରମୁଖ କଳସ ବୁଡ଼ାଇବା ସହ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ।

## ଭାଜପାର ପ୍ରତିଷ୍ଠା ଦିବସ

ଚାନ୍ଦବାଲି,୬।୪ (କିଷାନ ପାତ୍ର)

ଚାନ୍ଦବାଲି ଏନ୍‌ଏସିସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରେ ଶନିବାର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଜିଲା ଉପସଭାପତି କମଳାକାନ୍ତ ସୂତାର ଏଥିରେ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପାଣି, କାହ୍ନୁଚରଣ ବେହେରା, ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର ରାଉଳ, ନଗର ସଭାପତି ସରୋଜ ବଳ, ନଗର କୃଷକ ମୋର୍ଚ୍ଚା ସଭାପତି ସନ୍ତୋଷ ବାରିକ, ଦୀପକ ବଳ, ମୀନକେତନ ବିଶ୍ୱାଳ, ପ୍ରଫୁଲ୍ଲ ନାୟକ, ପ୍ରେମୀଲତା ବାରିକ, ସୌଦାମିନୀ ଜେନା, ମଳୟ ନାୟକ, ଚନ୍ଦନ ରାଉତ, ଏନ୍‌ଏସି ଯୁବ ସଭାପତି ସୁଶାନ୍ତ ମହାନ୍ତି, ଯୁବନେତା ବିଜୟ ବେହେରା, ସ୍ମିତିରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଦଳର ନୀତି ଆଦର୍ଶ ଉପରେ ଆଲୋକପାତ କରିଥିଲେ।

## ପ୍ରତିଷ୍ଠା ଦିବସ ପାଳିଲା ଭାଜପା



ଭାଜପାର ପ୍ରତିଷ୍ଠା ଦିବସ ପାଳନ ଅବସରରେ ପତାକା ଉତ୍ତୋଳନ କରାଯାଉଛି।

ଭଣ୍ଡାରିପୋଖରୀ,୬।୪ (ରବିନାରାୟଣ ଖିଲାର)

ଭଣ୍ଡାରିପୋଖରୀ ବ୍ଲକର ମାଳଦାଠାରେ ଭାଜପା ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ବଳଦେବଜୀଉ ସାଙ୍ଗଠନିକ ମଣ୍ଡଳ ସଭାପତି ଶ୍ରୀଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଧାନସଭା କ୍ଷେତ୍ର ନେତା ବଦ୍ରିନାରାୟଣ ଧଳ ଦଳୀୟ ପତାକା ଉତ୍ତୋଳନ କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ଦଳର ଆଭିମୁଖ୍ୟ ସମ୍ପର୍କରେ ସେ କହିଥିଲେ। ବରିଷ୍ଠ ନେତା ପ୍ରକାଶ ମହାପାତ୍ର, ମଣ୍ଡଳ ଉପସଭାପତି ଲଳିତ ନାୟକ, ଅଜୟ ରାଉତ, ସୁଧୀର କୁମାର ସାହୁ, ସାଧାରଣ ସମ୍ପାଦକ ସୁରେଶ ପତି, ଯୁବମୋର୍ଚ୍ଚା ସଭାପତି ଶିବାନୀ ଶଙ୍କର ସ୍ୱାଇଁ, କୃଷକ ମୋର୍ଚ୍ଚା ସଭାପତି ମନୋରଞ୍ଜନ ମହାନ୍ତି, ଶଶିରେଖା ପତି, ବିଶ୍ୱନାଥ ତ୍ରିପାଠୀ, ସତ୍ୟଜିତ ପାଣିଗ୍ରାହୀ, ସୁଦର୍ଶନ ସାମଲ, କରୁଣାକର ତରେଇ, ଦେବାଶିଷ ପଣ୍ଡା, ବାଳକୃଷ୍ଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭଣ୍ଡାରିପୋଖରୀସ୍ଥିତ ଦଳୀୟ କାର୍ଯ୍ୟାଳୟରେ ମଣ୍ଡଳ ସଭାପତି ଗିରିଶ ସାମଲଙ୍କ ସଂଯୋଜନାରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା।

## ତିହିଡ଼ିରେ ଗଙ୍ଗାମାତା ପୂଜା

### ବ୍ରତ, ବାହାଘର ପାଇଁ ପୋଖରୀରୁ ମିଳୁଥିଲା ବାସନକୁସନ

ତିହିଡ଼ି, ୬।୪ (ସଞ୍ଜିତ ବଳ)

ତିହିଡ଼ି ଗ୍ରାମସ୍ଥିତ ବାରୁଣୀ ପୋଖରୀ ନିକଟରେ ମା' ଗଙ୍ଗାମାତାଙ୍କ ପୂଜା ଶନିବାରଠାରୁ ଆରମ୍ଭ ହୋଇଛି। ଚୈତ୍ର ମାସ ଦ୍ୱାଦଶୀ ତିଥିରେ ବାରୁଣୀ ସ୍ନାନ ଉପଲକ୍ଷେ ଆରମ୍ଭ ହୋଇଥିବା ଏହି ପୂଜା ୩ଦିନ ଧରି ଚାଲିବ। ଏହି ତିଥିର ବଡ଼ିଭୋର ସମୟରେ ଆଖପାଖ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ବାରୁଣୀ ପୋଖରୀରେ ବୁଡ଼ ପକାଇ ପୁଣ୍ୟ ଅର୍ଜନ କରିଛନ୍ତି। ପରେ ଯଥାବିଧି ଗଙ୍ଗାମାତାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା।

କଥିତ ଅଛି ପୂର୍ବରୁ ବାରୁଣୀ ପୋଖରୀରୁ ଲୋକଙ୍କୁ ବାସନକୁସନ ଓ ଅନ୍ୟାନ୍ୟ ଆବଶ୍ୟକ ରୋଷେଇ ସାମଗ୍ରୀ ମିଳୁଥିଲା। ବିଶେଷ କରି ବିବାହ, ବ୍ରତ ପରି ଶୁଭ କାର୍ଯ୍ୟ ସମୟରେ ଏହା ପ୍ରାପ୍ତ ହେଉଥିଲା। ଯାହାର ଶୁଭ କାର୍ଯ୍ୟ ପଡୁଥିଲା, ସେହି ବ୍ୟକ୍ତି ପୋଖରୀ କୂଳକୁ ଯାଇ ଗଙ୍ଗାମାତାଙ୍କୁ ଭକ୍ତି ପୂର୍ବକ ସ୍ମରଣ କରିବା ସହ ଆବଶ୍ୟକ ଥିବା ସାମଗ୍ରୀ ସମ୍ପର୍କରେ ସୂଚନା ଦେଉଥିଲେ। ପରଦିନ ପୋଖରୀରୁ ସେହିସବୁ ସାମଗ୍ରୀ ପ୍ରାପ୍ତ ହେଉଥିଲା। କାର୍ଯ୍ୟ ସମ୍ପନ୍ନ ହେବା ପରେ ସେହି ବ୍ୟକ୍ତି ସାମଗ୍ରୀ ସବୁକୁ ପୋଖରୀରେ ବୁଡ଼େଇ ଦେଉଥିଲେ। ତେବେ ଏହି କିମ୍ବଦନ୍ତୀକୁ ଆଧାର କରି ହରିପୁର ଗ୍ରାମର ସ୍ୱର୍ଗତ ଗୋଲକ ଜେନା ୧୯୭୩ରେ ପୋଖରୀ ନିକଟରେ ବାରୁଣୀ ମେଳା ଆରମ୍ଭ କରିଥିଲେ। ସେହି ବର୍ଷଠାରୁ ଅଦ୍ୟାବଧି ବାରୁଣୀ ସ୍ନାନ ଓ ଗଙ୍ଗାମାତାଙ୍କ ପୂଜାର୍ଚ୍ଚନା ହେଉଛି। ଚଳିତ ବର୍ଷ ବ୍ରାହ୍ମଣ ଶୁକଦେବ ଦାସ ଓ ରଘୁନାଥ ଦାସ ପୂଜା କରୁଥିବା ବେଳେ କର୍ତ୍ତା ଭାବେ ସର୍ବେଶ୍ୱର ନାୟକ ଓ ଗଣେଶ ଚନ୍ଦ୍ର ଜେନା କାର୍ଯ୍ୟ ତୁଲାଉଛନ୍ତି। ବାରୁଣୀ ମେଳା କମିଟି ସଭାପତି ପ୍ରଭାତ କୁମାର ରାଉଳ, ସମ୍ପାଦକ ବିଷ୍ଣୁଚନ୍ଦ୍ର ଦାସ, ସଦସ୍ୟ ପାର୍ଥସାରଥୀ ନାୟକ, ବାପୁଜୀ ନାୟକ, ମହେନ୍ଦ୍ର ଓଝା ପ୍ରମୁଖ ପରିଚାଳନା କରୁଛନ୍ତି। ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।



ଗଙ୍ଗାମାତାଙ୍କ ପୂଜା କରାଯାଉଛି।

## ଆରମ୍ଭ କରିଥିଲେ ବାରୁଣୀ ମେଳା, ପ୍ରତିମୂର୍ତ୍ତି ଅନାବରଣ



ହରିପୁର ଗ୍ରାମର ଗୋଲକ ଜେନାଙ୍କ ପ୍ରତିମୂର୍ତ୍ତି ଅନାବରଣ ଅବସରରେ ବାରୁଣୀ ମେଳା କମିଟି କର୍ମକର୍ତ୍ତା।

ତିହିଡ଼ି,୬।୪ (ସଞ୍ଜିତ ବଳ)

ତିହିଡ଼ି ଗ୍ରାମସ୍ଥିତ ବାରୁଣୀ ପୋଖରୀ ନିକଟରେ ବାରୁଣୀ ମେଳା ଆରମ୍ଭ କରିଥିବା ଗୋଲକ ଜେନାଙ୍କ ପ୍ରତିମୂର୍ତ୍ତି ଶନିବାର ଅନାବରଣ କରାଯାଇଛି। ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ହରିପୁର ଗ୍ରାମର ଗୋଲକ ୧୯୭୩ରେ ବାରୁଣୀ ମେଳା ଆରମ୍ଭ କରିଥିଲେ। ଏହି ମେଳା ସ୍ଥଳରେ ବହୁ ଉନ୍ନତି ଘଟିଥିବା ବେଳେ ଏହା ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନଙ୍କ ଆକର୍ଷଣ ପାଲଟିଛି। ପ୍ରତିମୂର୍ତ୍ତି ଅନାବରଣ ସମୟରେ ବାରୁଣୀ ମେଳା କମିଟି ସଭାପତି ପ୍ରଭାତ କୁମାର ରାଉଳ, ସମ୍ପାଦକ କୃଷ୍ଣଚନ୍ଦ୍ର ଦାସ, ପାର୍ଥସାରଥୀ ନାୟକ, ମହେନ୍ଦ୍ର ଓଝା, ହରିହର ନାୟକ, ତାରାକାନ୍ତ ଜେନା, ଚନ୍ଦ୍ରକାନ୍ତ ହାତୀ, ରାଜେଶ ନାୟକ, ମନୋରଞ୍ଜନ ବେହେରା, ବିଜୟ ସାହୁ, ଅଶୋକ ବଳ ପ୍ରମୁଖ ଉପସ୍ଥିତ ଥିଲେ।

## ଅଷ୍ଟମପ୍ରହର ନାମ ସଂକୀର୍ତ୍ତନ

ହାଟଡ଼ିହୀ,(ଶୁଭକାନ୍ତ ନାୟକ)/ସୋସୋ(ସତ୍ୟବ୍ରତ ଜେନା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ସୋସୋ ଗ୍ରାମର ଗଡ଼ନାୟକ ସାହିରେ ଅନୁଷ୍ଠିତ ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ମହୋତ୍ସବ ଶନିବାର ଶେଷ ହୋଇଛି। ଗତ ଗୁରୁବାର ଶୁଭାଧିବାସ ଏବଂ ଶୁକ୍ରବାର ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଶନିବାର ନଗର ସଂକୀର୍ତ୍ତନ ସହ ଗ୍ରାମ ପରିକ୍ରମା କରାଯାଇଥିଲା। ବିଭିନ୍ନ ସଂକୀର୍ତ୍ତନ ଦଳଙ୍କ ଦ୍ୱାରା ନୃତ୍ୟ ଏବଂ ନାମ ସଂକୀର୍ତ୍ତନ କରାଯାଇଥିଲା। ମହୋତ୍ସବ ସାହିବାସୀଙ୍କ ସହଯୋଗରେ ସମ୍ପନ୍ନ ହୋଇଥିଲା।



## ସଂକ୍ଷେପରେ

### ଗଛରୁ ପଡ଼ି ଯୁବକ ମୃତ

ଢେଙ୍କିକୋଟ,୬।୪(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ବଡ଼ମସିଣାବିଲା ପଞ୍ଚାୟତ ସାନ ବରବେଡ଼ା ଗ୍ରାମରେ ଶୁକ୍ରବାର ଗଛରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡ଼ଖଣ୍ଡ ମଝିଗାଁ ଅଧିକାରୀ ଗ୍ରାମ ଗୁଡ଼ା ସାହିର ମହାବୀର ନାୟକ(୪୨)। ସେ ଝାଡ଼ଖଣ୍ଡ ଅଞ୍ଚଳର କରତ କଟାଳିଙ୍କ ସହ ଆସି ଗଛ କାଟୁଥିଲେ। ଗଛରେ ଚଢ଼ି ଡାଳ କାଟିବା ବେଳେ ୫୦ ଫୁଟ ତଳକୁ ଖସି ଗୁରୁତର ହୋଇଥିଲେ। ତାଙ୍କୁ ଘଟଗାଁ ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସିତ ଅବସ୍ଥା ଶନିବାର ତାଙ୍କର ମୃତ୍ୟୁ ଘଟିଛି। ଘଟଗାଁ ଥାନାରେ ଏକ ମାମଲା( ନଂ.୧୫/୨୪) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଥିବା ଏଏସଆଇ ସୁରଥ ଦେହୁରୀ ପ୍ରକାଶ କରିଛନ୍ତି।

### ଫୌଜଦାରି ଦଣ୍ଡ ସଂହିତା ସମ୍ପର୍କିତ ସଚେତନତା

କେନ୍ଦୁଝର,୬।୪(ଦୀପକ ମିଶ୍ର): କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ସୌଜନ୍ୟରୁ ନିତାଇ ଗୌର ଉଚ୍ଚ ବିଦ୍ୟାଳୟ, ପିପିଲିଆ କାର୍ଯ୍ୟାଳୟ ପରିସରରେ ଫୌଜଦାରି ଦଣ୍ଡ ସଂହିତା, ପ୍ରାଥମିକ ସୂଚନା ରିପୋର୍ଟ ସମେତ ଗିରଫଦାରୀ ଆଇନ ସେବା ପ୍ରାପ୍ୟର ଅଧିକାର, ଅପିଲ, ଦୋଷମାନତା ସଂକ୍ରାନ୍ତୀୟ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ ଅଶୋକ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରାଧିକରଣର ସଚିବ ମାମୀ ବେହେରା ପରିଚାଳନା କରିଥିଲେ। ଜିଲା ଆଇନସେବା ପ୍ରାଧିକରଣର ବିଭିନ୍ନ କାର୍ଯ୍ୟପନ୍ଥା ଓ ଜନମଙ୍ଗଳ ଦିଗ ଉପରେ ବର୍ଣ୍ଣନା କରି ଏହାର ସୁଫଳ ପାଇବାକୁ ନିବେଦନ କରିଥିଲେ। ପୋଲିସ ଅଧିକାରୀ ଗୁରୁବାରୀ ହେମ୍ବ୍ରମ, ସହକାରୀ ଶିକ୍ଷୟିତ୍ରୀ ସ୍ମୃତିରେଖା ଜେନା, ପାୟଲ ମହାପାତ୍ର, ଶିକ୍ଷୟିତ୍ରୀ ତୃପ୍ତି ରାଉତ, ଶିକ୍ଷକ ବିଭୁଦତ୍ତ ବେହେରା, ପିଇଟି ପ୍ରବୀର ଦେହୁରୀ ଯୋଗଦେଇ ଭାରତୀୟ ଦଣ୍ଡ ସଂହିତାର ଧର୍ଷଣ ଓ ଅଧର୍ଷଣ ଅପରାଧ ବିଷୟରେ ଅବଗତ କରାଇଥିଲେ।

### ନିଷ୍ଠାପର ସେବା ପାଇଁ ରାମଚନ୍ଦ୍ରପୁର ଥାନା ଅଧିକାରୀ ପୁରସ୍କୃତ

ରାମଚନ୍ଦ୍ରପୁର,୬।୪(ଗଣେଶ୍ୱର ସା): କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅଧିକାରୀ ବିଜୟ କୁମାର ସିଂଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକ ପୁରସ୍କୃତ କରିଛନ୍ତି। ନିଷ୍ଠାପର ଉଦ୍ୟମ ଓ ପ୍ରତ୍ୟେକ କାର୍ଯ୍ୟକୁ ଗୁରୁତ୍ୱ ଦେବା ସହ ଲୋକଙ୍କୁ ଅସୁବିଧାରେ ନ ପାଇ ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରୁଥିବାରୁ ତାଙ୍କୁ ଏହି ପୁରସ୍କାର ମିଳିଛି। ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ ଉତ୍ସବରେ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ ୨୦୨୩/୨୪ ର ସେବା ସୁରକ୍ଷା ପ୍ରଶଂସା ପତ୍ର ଓ ଡିସ୍କକୁ ବିଜୟ କୁମାର ସିଂଙ୍କୁ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରିଥିଲେ। ଥାନା ଅଧିକାରୀ ଥାନାର ସମସ୍ତ ପଦାଧିକାରୀଙ୍କୁ ଏହାର ଶ୍ରେୟ ଦେଇଛନ୍ତି। ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଚେଷ୍ଟା ଜାରୀ ରଖିବେ ବୋଲି ପ୍ରକାଶ କରିଛନ୍ତି।

### ନିର୍ମାଣର ୩ ଦିନରେ ରାସ୍ତାରୁ ପିଚୁ ଉଠିଲା

ରାମଚନ୍ଦ୍ରପୁର,୬।୪(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ବଡ଼ପଦନା ଛକ ଏନଏଚ ୨୦ ଠାରୁ ରାଇତୋଳା ଗ୍ରାମ ଦେଇ ବେଲସୁନ୍ଦରୀ ଛକକୁ ସଂଯୋଗ ହୋଇଥିବା ରାସ୍ତା କାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କାର୍ଯ୍ୟ ହେଉଥିବା ବେଳେ ତଦାରଖ ଅଭାବରୁ ନିର୍ମାଣର ମାତ୍ର ୩ ଦିନ ମଧ୍ୟରେ ପିଚୁ ଫଡ଼ା ଫଡ଼ା ହୋଇ ଉଠିଯାଉଛି। ଗତ ଗୁରୁବାର ରାସ୍ତା ନିର୍ମାଣ ଚାଲୁଥିବା ବେଳେ ଲୋକେ ନିମ୍ନମାନର କାର୍ଯ୍ୟକୁ ବିରୋଧ କରିଥିଲେ ହେଁ କେହି କର୍ଣ୍ଣପାତ କରି ନ ଥିଲେ। ଶନିବାର ରାଇତୋଳା ଶିବ ମନ୍ଦିର ନିକଟରେ ହାତ ମାରିଲେ ରାସ୍ତାରୁ ଫଡା ଫଡା ପିଚୁ ଉଠିଯାଉଥିବା ନେଇ ସୁଶାନ୍ତ ଦାସ, ପ୍ରଦୀପ ରଣା, ରଞ୍ଜନ ମାଝୀ, ଅଭିଷେକ ଦାସ ଅଭିଯୋଗ କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତଦନ୍ତ କରି ପଦକ୍ଷେପ ନେବାକୁ ଦାବି କରିଛନ୍ତି। ବିଭାଗୀୟ ଜେଇ କେଲୁଚରଣ ଦଳେଇଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ପ୍ରତିକ୍ରିୟା ମିଳିପାରିନାହିଁ।

# ଦେବକୁଣ୍ଡରେ ମହାବାରୁଣୀ ସ୍ନାନ

## ଗୋନାସିକାରେ ବାରୁଣୀ ମେଳା ଆରମ୍ଭ

କେନ୍ଦୁଝର,୬।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ପୁଣ୍ୟତୋୟା ବୈତରଣୀର ଉତ୍ପତ୍ତିସ୍ଥଳ ଗୋନାସିକାଠାରେ ତିନି ଦିନିଆ ବାରୁଣୀ ମେଳା ଶନିବାର ଆରମ୍ଭ ହୋଇଛି। ପ୍ରଥମ ଦିନ ବହୁ ସଂଖ୍ୟାରେ ଭକ୍ତ ଏଠାରେ ଥିବା ଦେବକୁଣ୍ଡରେ ମହାବାରୁଣୀ ସ୍ନାନ କରି ଶ୍ରୀଶ୍ରୀ ବ୍ରହ୍ମେଶ୍ୱର ମହେଶ୍ୱରଙ୍କ ଦର୍ଶନ କରି ସାନିଧ୍ୟ ଲାଭ କରିଛନ୍ତି। ଏହି ଅବସରରେ ମହାଦେବଙ୍କ ଦର୍ଶନ ପାଇଁ ମନ୍ଦିର ଭିତରେ ଓ ବାହାରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

ପ୍ରକାଶ ଯେ, ପୂର୍ବାହ୍ନ ୧୧ ଟାରେ ବ୍ରହ୍ମେଶ୍ୱର ମହାଦେବଙ୍କ ଠାରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ବାରୁଣୀ ବୁଡ଼ ଅନୁଷ୍ଠିତ ହୋଇଥିଲା। ନୀତିକାନ୍ତି ସମ୍ପନ୍ନ ପରେ ୧୨ ଟାରେ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ତିନି ଦିନିଆ ମେଳା ମଧ୍ୟ ଆରମ୍ଭ ହୋଇଛି। ମେଳା ଦେଖିବାକୁ ଆଖପାଖ ଅଞ୍ଚଳର ଅନେକ ହଜାର ଲୋକ ସାମିଲ ହୋଇ ନାଚଗୀତ କରିଥିଲେ। ବିଶେଷ କରି ଜୁଆଙ୍ଗମାନଙ୍କ ଉତ୍ପତ୍ତି ସ୍ଥଳ ଗୋନାସିକାରେ ଆଦିବାସୀଙ୍କ ସମାଗମ ଅଧିକ ରହିଥିଲା। ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ତ୍ରିଲୋଚନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ମେଳା ଆରମ୍ଭ ହୋଇଥିବା ବେଳେ ଭକ୍ତଙ୍କ ସୁବିଧା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସନ୍ଧ୍ୟାରେ ଜୁଆଙ୍ଗ ଓ ଭୂୟାଁ ସମ୍ପ୍ରଦାୟର ପାରମ୍ପରିକ ଚାଙ୍ଗୁ ନୃତ୍ୟ ଅନୁଷ୍ଠିତ ହେବ। ଏହା ରାତି ତମାମ ଚାଲିବ ବୋଲି ଦେବୋତ୍ତର ବିଭାଗର ପରିଚାଳକ ପଞ୍ଚାନନ ସାହୁ କହିଛନ୍ତି। ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲେ ହେଁ ଭକ୍ତଙ୍କ ଭିଡ଼ ଲାଗିଥିଲା। ସୂଚନାଯୋଗ୍ୟ, ବୈତରଣୀର ଉତ୍ପତ୍ତି ସ୍ଥଳ କୁହାଯାଉଥିବା ଗୋନାସିକାରେ ଜିଲାର ବହୁ ପୁରାତନ ତଥା ପ୍ରଥମ ବନବାସୀ ଜୁଆଙ୍ଗ ସଭ୍ୟତା ପ୍ରଥମେ ଆରମ୍ଭ ହୋଇଥିଲା। ଏଣୁ ଏଠାରେ ଗୋନାସିକା ପର୍ବତମାଳାରୁ ବୈତରଣୀ ଏକ ଗଛ ମୂଳରୁ ବାହାରି ବିଭିନ୍ନ ସ୍ଥାନରେ ଲୁପ୍ତ ହୋଇଯାଇଛି। ଏହି ସ୍ଥାନକୁ ଗୁପ୍ତଗଙ୍ଗା ବୋଲି ମଧ୍ୟ କୁହାଯାଏ। ଏଠାରେ ଥିବା ଗ୍ରାମର ନାମ ବି ଗୁପ୍ତଗଙ୍ଗା



ରହିଛି। ବୈତରଣୀ ପାତାଳଗାମୀ ହୋଇ କିଛି ବାଟରେ ବାହାରି ତଳକୁ ତଳକୁ ପ୍ରବାହିତ ହୋଇଛି। ଯେଉଁଠି ବାହାରିଛି ସେଠାରେ ଶ୍ରୀ ଶ୍ରୀ ବ୍ରହ୍ମେଶ୍ୱର ଶିବ ମନ୍ଦିର ରହିଛି। ସେଠାରେ ପାଣି ଗଚ୍ଛିତ ରହିଛି ଯାହାକୁ ଦେବକୁଣ୍ଡ କୁହାଯାଏ। ଏହି ଦେବ କୁଣ୍ଡ ନିକଟରେ ମହିଳା, ପୁରୁଷ ଭକ୍ତଙ୍କ ପାଇଁ ଅଲଗା ଗାଧୁଆ କୁଣ୍ଡ ନିର୍ମାଣ କରାଯାଇଛି। ଏହି ସ୍ଥାନର ମହତ୍ତ୍ୱ ପୌରାଣିକ ତଥା ଆଧୁନିକ ଦୃଷ୍ଟି କୋଣରୁ ଅଧିକ ରହିଥିବାରୁ ଏହାର ବିକାଶ ପାଇଁ ସରକାର ଗୁରୁତ୍ୱ ଦେଇ ବିକାଶ କରୁଛନ୍ତି ବୋଲି ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ନାୟକ କହିଛନ୍ତି।

# ଗୁଳୁଗୁଳିରେ ୫ ଛାତ୍ରୀଛାତ୍ର ଗୁରୁତର

ହାଟଡ଼ିହୀ,୬।୪(ପାର୍ଥ ସୌରଭ ସା)

■ବାରିଗାଁ ନିଶାକର ହାଇସ୍କୁଲ

■ବିଲ୍ ପୈଠ ହୋଇ ନ ଥିବାରୁ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଛି

ସରକାର ଉଚ୍ଚ ବିଦ୍ୟାଳୟ ଗୁଡ଼ିକୁ ୫-ଟି ଅଧୀନରେ ସାମିଲ କରିବା ପରେ ସ୍କୁଲମାନଙ୍କୁ ବୈଦ୍ୟୁତିକ ଉପକରଣ ଯୋଗାଇଦେଇଛନ୍ତି। ମାତ୍ର ବିଦ୍ୟୁତ୍ ବିଲ ପୈଠ ପାଇଁ କୌଣସି ବ୍ୟବସ୍ଥା କରି ନାହାନ୍ତି। ଫଳରେ ବିଦ୍ୟୁତ୍ ବିଭାଗ ସଂଯୋଗ ବିଚ୍ଛିନ୍ନ କରିବା ପରେ ବିଦ୍ୟାଳୟରେ ଅସୁବିଧା ସୃଷ୍ଟି ହେଉଛି। ଏପରି ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ହାଟଡ଼ିହୀ ବ୍ଲକ୍ ବାରିଗାଁ ନିଶାକର ହାଇସ୍କୁଲରେ। ଗ୍ରୀଷ୍ମ ପ୍ରଭାବ ଯୋଗୁ ୫ ଛାତ୍ରୀଛାତ୍ର ଗୁରୁତର ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗତ ଫେବୃଆରୀ ୧୫ରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ସ୍କୁଲକୁ ଯାଇ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଲ କରିଥିଲେ। ସ୍କୁଲ କର୍ତ୍ତୃପକ୍ଷ ଟଙ୍କା ଦେବାକୁ ଅକ୍ଷମତା ପ୍ରକାଶ କରିବାରୁ କର୍ମଚାରୀ ସଂଯୋଗ ବିଚ୍ଛିନ୍ନ କରିଦେଇଥିଲେ। ଏ ନେଇ ପ୍ରଧାନ ଶିକ୍ଷକ ଜିଲାପାଳଙ୍କୁ ଅବଗତ କରିଥିଲେ ବି ପ୍ରଶାସନ କିଛି ପଦକ୍ଷେପ ଗ୍ରହଣ କରି ନ ଥିଲେ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ଶନିବାର ଲିଜାରାଣୀ ଭୂୟାଁ, ବସୁନ୍ଧରା ଶଙ୍ଖୁଆ, ଇପିସିତା ମଣ୍ଡଳ, ବର୍ଷାରାଣୀ ଶଙ୍ଖୁଆ, ସାଇ ସ୍ୱାଗତ ଦାସ, ଶୁଭମ ମଣ୍ଡଳ ଛାତ୍ରୀଛାତ୍ର ଚେତଶୂନ୍ୟ ହୋଇ ପଡ଼ିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ଜଣେ ବ୍ୟକ୍ତିଙ୍କ ଘରକୁ ନେଇ ପ୍ରାଥମିକ ଚିକିତ୍ସା ପରେ ପରିବାର ଲୋକଙ୍କୁ ଡକାଇ ଘରକୁ ପଠାଇଥିଲେ ବୋଲି ପ୍ରଧାନ ଶିକ୍ଷକ ନାରାୟଣ ରାଉତ ପ୍ରକାଶ କରିଛନ୍ତି। ଘଟଣା ସମୟରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିବା ପ୍ରଧାନ ଶିକ୍ଷକ କହିଛନ୍ତି।

# ବ୍ଲକ୍ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ



ବ୍ଲକ୍ କାର୍ଯ୍ୟାଳୟ ଆଗରେ ରାଶନକାର୍ଡ଼ଧାରୀ।

ହାଟଡ଼ିହୀ,୬।୪(ପାର୍ଥ ସୌରଭ ସା)

## ୪ ମାସର ରାଶନ ଚାଉଳ ମିଳିନି

ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ଲୋକଙ୍କୁ ଚାଉଳ ଯୋଗାଇ ଦେଉଛନ୍ତି। ମାତ୍ର ଗତ ଜାନୁଆରୀରୁ ଏପ୍ରିଲ ପର୍ଯ୍ୟନ୍ତ ୪ ମାସର ଚାଉଳ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ଆଝୋ ପଞ୍ଚାୟତ ଶଙ୍ଖୋ ଗ୍ରାମର ୨୫୦ରୁ ଊର୍ଦ୍ଧ୍ୱ ରାଶନକାର୍ଡଧାରୀ ପାଇନାହାନ୍ତି। ଏ ନେଇ ଶନିବାର ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରି ଗୁହାରୀ ଶୁଣାଇଛନ୍ତି।
ସୂଚନା ମୁତାବକ, ଗ୍ରାମର ୮୦ଭାଗ ଲୋକ ଗରିବ ଶ୍ରେଣୀର ହୋଇଥିବା ବେଳେ ରାଶନ ଚାଉଳ ଉପରେ ନିର୍ଭର କରିଥାନ୍ତି। ପଞ୍ଚାୟତର ଅନ୍ୟ ସବୁ ଗ୍ରାମକୁ ଚାଉଳ ଯୋଗାଇ ଦେଇଥିବା ବେଳେ କେବଳ ଉକ୍ତ ଗାଁକୁ ବାଦ ଦିଆଯାଇଛି। ଗ୍ରାମବାସୀ ଗତ ୧୨ଦିନ ତଳେ ବ୍ଲକ୍‌କୁ ଆସି ଘେରାଉ କରିଥିବା ବେଳେ ବିଡ଼ିଓ ୬ ଦିନ ଭିତରେ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପଞ୍ଚାୟତ କର୍ତ୍ତୃପକ୍ଷ ୨ ମାସର ଚାଉଳ ଓ ଆଉ ଦୁଇ ମାସର ପଇସା ଦେବାକୁ କହିବାରୁ ଲୋକେ ଅରାଜି ହୋଇ ପୁଣି ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଥିବା ଶାନ୍ତନୁ ବେଦାନ୍ତ, ମିନତୀ ଜେନା, ଜ୍ୟୋତିର୍ମୟୀ ଦାସ, କାହ୍ନୁ ଚରଣ ଜେନା, ଜତିଶ ସାହୁ, ନିମାଇଁ ଚରଣ ଜେନା, ଭୀମସେନ ଜେନା, ବିଦ୍ୟାଧର ଦାସ, ପୂର୍ଣ୍ଣିମା ଜେନା, ରମେଶ ସାହୁ, ଟୁନି ଜେନା, ମନୋରଞ୍ଜନ ଜେନା, ଉମାମଣି ଜେନା ପ୍ରମୁଖ ଶଙ୍ଖୋ, ବାଲିଆ, ଜଳହରି ଆଦି ଗ୍ରାମର ଗ୍ରାମବାସମାନେ ଅଭିଯୋଗ କରିଛନ୍ତି। ଭାଜପା ନେତା ଅଲୋକ ସେଠୀ, ତୃପ୍ତିମୟୀ ଜେନା ପ୍ରମୁଖ ବ୍ଲକ୍‌ରେ ପହଞ୍ଚି ଏ ସମ୍ପର୍କରେ ବିଡ଼ିଓଙ୍କ ସହିତ ଆଲୋଚନା କରିଥିଲେ। ବ୍ଲକ୍ ଯୋଗାଣ ଅଧିକାରୀ ଦିଲ୍ଲୀପ କୁମାର ସାହୁ କହିଛନ୍ତି, ଏବେ କାର୍ଯ୍ୟରେ ନୂଆ କରି ଯୋଗଦେଇଛନ୍ତି। ଉକ୍ତ ପଞ୍ଚାୟତରେ ପୂର୍ବରୁ ବକେୟା ଥିବା ଚାଉଳ ୬ଦିନ ପୂର୍ବରୁ ଯୋଗାଇ ଦିଆ ଯାଇଛି। କିନ୍ତୁ ପିଇଓ ଅନୁପସ୍ଥିତ ନ ଥିବାରୁ ବଣ୍ଟନ ହୋଇପାରି ନ ଥିଲା। ସୋମବାର ଠାରୁ ବଣ୍ଟନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକମାନେ ଘରକୁ ଫେରିଛନ୍ତି।

# ଟ୍ରକ୍ ଧକ୍କାରେ ସଫେଇ କର୍ମଚାରୀଙ୍କ ମୃତ୍ୟୁ

## କ୍ଷତିପୂରଣ ଦାବିରେ ଧାରଣା

ପାଟଣା,୬।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦୁଝର ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଚେମେଣା ନିକଟରେ ଶନିବାର ଅଜଣା ଟ୍ରକ୍ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଚମ୍ପୁଆ ଥାନା ଗମ୍ଭାରିଆ ଗ୍ରାମର ତ୍ରିଲୋଚନ ନାଏକ (୫୫)। କ୍ଷତିପୂରଣ ଦାବିରେ ପରିବାର ଲୋକେ ଧାରଣା ଦେଇଥିଲେ। ସୂଚନା ଅନୁଯାୟୀ, ତ୍ରିଲୋଚନ ରାଜପଥ ମଝିରେ ଲାଗିଥିବା ଗଛ ଗୁଡ଼ିକରେ ପାଣି ଦେଉଥିଲେ। ସେ ସମୟରେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ତାଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏନ୍ଏଚ୍ ଆଇ ଆମ୍ବୁଲାନ୍ସ ସହାୟତାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତ୍ରିଲୋଚନଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ତୁରୁମୁଙ୍ଗା ପୋଲିସ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ମାମଲା(ନଂ.୧୫୦/୨୪)ରୁଜୁ ହୋଇଛି। ପରିବାର ଲୋକେ ମୃତଦେହ ନେଇ କ୍ଷୀରେଇ ଟାଙ୍ଗିରି ଟୋଲ ଗେଟ୍ କାର୍ଯ୍ୟାଳୟ ସମ୍ମୁଖରେ ରଖି ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ଧାରଣା ଦେଇଥିଲେ। ସନ୍ଧ୍ୟା ୭ ଟା ୩୦ରେ ଏନ୍ଏଚ ମେଣ୍ଟେନାନ୍ସ ସଂସ୍ଥା କ୍ଷତିପୂରଣ ଦେବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି।

# ଟିକିରାରେ ୨୪ ପ୍ରହର ନାମଯଜ୍ଞ

ଢେଙ୍କିକୋଟ,୬।୪(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପଞ୍ଚାୟତ ଟିକିରା ଗ୍ରାମ ଉପରସାହି ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ୩୦ତମ ବାର୍ଷିକ ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ସୋମବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ନାମଯଜ୍ଞ ଗ୍ରାମର ରଜ କମିଟିର ମହିଳାମାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଉଛି। କମିଟିର ଉପଦେଷ୍ଟା ମଣ୍ଡଳୀର ମୋହର ଚରଣ ନାଏକ, ମାଘୁ ମହାକୁଡ଼, ନରେନ୍ଦ୍ର ନାଏକ, ଦୁର୍ଲଭ ନାଏକଙ୍କ ଉପଦେଶ କ୍ରମେ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀର ୫୦ରୁ ଊର୍ଦ୍ଧ୍ୱ ଯୁବକ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି। ନାମଯଜ୍ଞରେ ଜିଲା ଓ ଜିଲା ବାହାରର ୫ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମକୁ ଟିକିରା ସଂକୀର୍ତ୍ତନ ମଣ୍ଡଳୀର ସକ୍ରିୟ ସଦସ୍ୟ ପ୍ରଫୁଲ୍ଲ ନାଏକ, ଅଙ୍ଗଦ ନାଏକ ସହଯୋଗ କରୁଛନ୍ତି। ପାଟଣା ବ୍ଲକ୍ ନୂଆପଡ଼ା ଗ୍ରାମର ପୂଜକ କୀର୍ତ୍ତନ ବିହାରୀ ଦାସଙ୍କ ଦ୍ୱାରା ଯଥାବିଧି ପୂଜାର୍ଚ୍ଚନା କରାଯିବା ସଙ୍ଗେ ସଙ୍ଗେ ସକାଳ ଓ ସନ୍ଧ୍ୟା ଆଳତୀ କରାଯାଉଛି।



# ରେଡିଓ ସେଣ୍ଟର ଭଜନ ଗାୟକଙ୍କ ପରଲୋକ

ପାଟଣା,୬।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମଲ୍ଲିପଶି ଗ୍ରାମର ଦୃଷ୍ଟି ବାଧିତ ଖଞ୍ଜଣି ବାଦକ ଓ କେନ୍ଦୁଝର ରେଡ଼ିଓ ସେଣ୍ଟର୍‌ର ଭଜନ କଣ୍ଠଶିଳ୍ପୀ ପଞ୍ଚାନନ ନାଏକ(୬୫)ଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ସେ ଏକା ଧାରାରେ ଖଞ୍ଜଣୀ ବାଦକ, ସୁଲଳିତ ଭଜନ ଗାୟକ ଓ ସଂକୀର୍ତ୍ତନ ଗୁରୁ ଥିଲେ। ୧ ଶହରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ଦଳକୁ ପ୍ରଶିକ୍ଷଣ ଦେଇ ଉଦାହରଣ ସୃଷ୍ଟି କରିଥିଲେ। କେନ୍ଦୁଝର ରେଡ଼ିଓ ସେଣ୍ଟରର ଜଣେ ସୀକୃତି ପ୍ରାପ୍ତ ଲୋକପ୍ରିୟ କଣ୍ଠ ଶିଳ୍ପୀ ଥିଲେ। ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ସେ ପକ୍ଷାଘାତ ରୋଗରେ ପୀଡ଼ିତ ଥିଲେ। ଦାରିଦ୍ର୍ୟତା କାରଣରୁ ଉପଯୁକ୍ତ



ଚିକିତ୍ସା ସୁବିଧାରୁ ବଞ୍ଚିତ ଥିଲେ। ପାଟଣା ବିଧାୟକ ଜଗନ୍ନାଥ ନାଏକ, ପୂର୍ବତନ ପାଟଣା ବିଧାୟକ ହୃଷୀକେଶ ନାଏକ, ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ମଞ୍ଚ ଉଦଘୋଷକ ତଥା ଶିକ୍ଷକ ପାର୍ଥ ସାରଥୀ ବେଜ, ମଲ୍ଲିପଶି ସରପଞ୍ଚ ଉମାମଣି ଦାସ, ପୂର୍ବତନ ଜିଲା ପରିଷଦ ସଦସ୍ୟ ସୁରେଶ ଚନ୍ଦ୍ର ନାଏକ, ବ୍ୟବସାୟୀ ଅରୁଣ ବେଜ, ବିଜେଡି ବ୍ଲକ୍ ସଭାପତି ମାଧବା ନନ୍ଦ ପୃଷ୍ଟୀ, ପୂର୍ବତନ ପାଟଣା ବ୍ଲକ୍ ଅଧ୍ୟକ୍ଷ ଇଂ. ବିଦ୍ୟାଧର ଦାଶ, କଂଗ୍ରେସ ନେତା ବିନୋଦ ବିହାରୀ ନାଏକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସାହି ଭାଇଙ୍କ ସାହଯୋଗରେ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ଜ୍ୱାଇଁ କାଠିଆ ନାଏକ ମୁଖାଗ୍ନି ଦେଇଥିଲେ।

# ସୀମାନ୍ତରେ ଚେକିଂ ଜୋରଦାର

ଚମ୍ପୁଆ,୬।୪(ମହେଶ୍ୱର ଦାସ): ୨୦୨୪ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ନିମନ୍ତେ ନିର୍ବାଚନ କମିଶନରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କ୍ରମରେ କେନ୍ଦୁଝର ଜିଲା ଚମ୍ପୁଆ ବିଧାନସଭା କ୍ଷେତ୍ର ୨୫ ପାଇଁ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏଠାକାର ଓଡ଼ିଶା, ଝାଡ଼ଖଣ୍ଡ ସୀମାରେ ସ୍ଥାନୀୟ ପ୍ରଶାସନ ଓ ପୋଲିସ ଦ୍ୱାରା ଗାଡ଼ି ଚେକିଂକୁ ଜୋରଦାର କରାଯାଇଛି। କେନ୍ଦୁଝର ଜିଲା ପାଇଁ ମେ ମାସ ୨୫ ତାରିଖରେ ନିର୍ବାଚନ ହେବାକୁ ଥିବାରୁ ଯେ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ଉଭୟ ସାଧାରଣ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ସହକାରୀ ଜିଲାପାଳ ଫୁଲରାଇ ବେସ୍ରାଙ୍କ ନେତୃତ୍ୱରେ ଚମ୍ପୁଆ ଥାନାର ଏଏସ୍‌ଆଇ ସୁଶାନ୍ତ କୁମାର ମହାନ୍ତ ଓ ତାଙ୍କ ଟିମ୍ ସୀମାନ୍ତରେ ଗାଡି ଅଟକାଇ ତନଖି କରୁଥିବା ଦେଖିବାକୁ ମିଳିଛି।

# ଭାଜପାର ୪୫ତମ ପ୍ରତିଷ୍ଠା ଦିବସ




କେନ୍ଦୁଝର ଜିଲା ଭାଜପା ନେତୃବୃନ୍ଦ।

କେନ୍ଦୁଝର,୬।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)/ ହାଟଡିହୀ(ପାର୍ଥ ସୌରଭ ସା)

କେନ୍ଦୁଝର ଭାଜପା ଜିଲା କାର୍ଯ୍ୟାଳୟରେ ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନେତୃତ୍ୱରେ ଭାଜପାର ୪୫ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ଭାଜପା ଜିଲା ସଭାପତି ବିଭୁତି ପ୍ରଧାନ ଏବଂ ବୁଟା ସିଂଙ୍କୁ କେନ୍ଦୁଝରର ଏମ୍‌ପି ପ୍ରାର୍ଥୀ ଅନନ୍ତ ନାୟକ ଓ ସଦର ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରିଥିଲେ। ପ୍ରଥମେ ଦଳର ନେତୃମଣ୍ଡଳୀ ଓ କାର୍ଯ୍ୟକର୍ତ୍ତାମାନେ ଦଳୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ ସମେତ ବହୁ ନେତା ଉପସ୍ଥିତ ଥିଲେ। ସେହିପରି ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ହାଟଡ଼ିହୀ ଭାଜପା କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ ଅନେକ ଯୁବକ ଭାଜପାରେ ସାମିଲ ହୋଇଥିଲେ। ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀଙ୍କ ସମେତ ବରିଷ୍ଠ ନେତା ହରମୋହନ ଶାସିନୀ, ଅଶୋକ ଯେନା, ତୃପ୍ତିମୟୀ ଯେନା ପ୍ରମୁଖ ନବାଗତଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ।

# ସମୟରେ ଆସୁନାହାନ୍ତି ଗୋଷ୍ଠୀ ସ୍ୱାସ୍ଥ୍ୟକର୍ମୀ

ସୋସୋ,୬।୪(ସତ୍ୟବ୍ରତ ଜେନା)

■ଦଧିବାମନପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର

■ବୟସ୍କ ରୋଗୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଦଧିବାମନପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ବ୍ୟାହତ ହୋଇଛି। ଏଠାରେ ନିୟୋଜିତ ଗୋଷ୍ଠୀ ସ୍ୱାସ୍ଥ୍ୟ କର୍ମୀଙ୍କ ମନମାନୀ ଯୋଗୁ ଗ୍ରାମାଞ୍ଚଳରେ ଲୋକେ ଉପଯୁକ୍ତ ସେବା ପାଇପାରୁନାହାନ୍ତି। ଅନେକ ସମୟରେ ରୋଗୀଙ୍କୁ ଦୁର୍ବ୍ୟବହାର କରାଯିବା ସହ ନିରାମୟ ଔଷଧ ଦେବାକୁ ମନା କରିଦେଉଥିବା ମଧ୍ୟ ଅଭିଯୋଗ ହୋଇଛି। ସରକାରଙ୍କ ଦ୍ୱାରା ଗ୍ରାମାଞ୍ଚଳରେ ଯୋଜନା ଫଳପ୍ରଦ ହୋଇପାରୁନାହିଁ। ସୂଚନା ମୁତାବକ, ଦଧିବାମନପୁର ଗ୍ରାମର ସୁନା ଯେନା (୬୨) ଗତ ୫ ଦିନ ହେବ ଜ୍ୱର ଓ ଥଣ୍ଡାରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ନିୟମିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୌଡୁଛନ୍ତି। ଗୁରୁବାର ସକାଳ ୮ଟା ୩୦ରେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକର୍ମୀ ନ ଥିବାରୁ ନିରାଶ ହୋଇ ଫେରିଯାଇଥିବା କହିଛନ୍ତି। ପୂର୍ବରୁ ହେମଲତା ଯେନା ନାମକ ମହିଳା ଜ୍ୱରରେ ଆକ୍ରାନ୍ତ ହୋଇ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଦଧିବାମନପୁରକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ କେହି କର୍ମଚାରୀ ନ ଥିବାରୁ ନିରାଶ ହୋଇ ତରତରା ମେଡିକାଲକୁ ଯାଇ ଚିକିତ୍ସିତ ହୋଇଥିଲେ। ସେହିପରି ଉକ୍ତ ଗ୍ରାମର ଅନାମ ଯେନା ବିଦ୍ୟୁତ୍ ଆଘାତରେ ଆହତ ହୋଇଥିବାରୁ ପରିବାର ଲୋକେ ଏଠାକୁ ଆଣିଥିବା ବେଳେ ମୁଖ୍ୟ ଫାଟକରେ ତାଲା ଝୁଲୁଥିବା ଦେଖି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ନେଇ ଚିକିତ୍ସା କରାଇଥିଲେ। ଅନୁରୂପ ହେମ ଯେନା ନାମକ ମହିଳା ଗୁରୁବାର ବ୍ଲଡ୍ ପେସର ମାପିବାକୁ ସ୍ୱାସ୍ଥ୍ୟକେନ୍ଦ୍ର ଯାଇଥିଲେ। କେହି ନ ଥିବା ଦେଖି ନିରାଶ ହୋଇ ଘରକୁ ଫେରିଥିଲେ। ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରଗୁଡ଼ିକ ସକାଳ ୮ଟାରୁ ଅପରାହ୍ନ ୧ ଘଣ୍ଟିକା ପର୍ଯ୍ୟନ୍ତ ଖୋଲା ରହିବା ସରକାରୀ ନିୟମ ଅନୁଯାୟୀ। କିନ୍ତୁ ଏଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକର୍ମୀ ମନମାନୀ ଚଳାଇ ତାଙ୍କ ସୁବିଧାରେ ଉପକେନ୍ଦ୍ରକୁ ଖୋଲୁଛନ୍ତି। ଏଥିସହ ମେଡିକାଲକୁ ଆସୁଥିବା ରୋଗୀଙ୍କୁ ଦୁର୍ବ୍ୟବହାର କରି ଆମ୍ବଗଡ଼ିଆ ଓ ଦଧିବାମନପୁର ଲୋକଙ୍କ ଦେହ ପ୍ରତିଦିନ କ'ଣ ଖରାପ ହେଉଛି। ଯଦି ଖରାପ ହେଉଛି ମେଡିସିନ ଦୋକାନରୁ ଔଷଧ କିଣି କାହିଁକି ଖାଉନ ବୋଲି କହୁଛନ୍ତି। ନିରାମୟ ଯୋଜନା ବ୍ୟବସ୍ଥା କାହିଁକି କରାଯାଇଛି ବୋଲି ପଚାରିଲେ ଗୋଷ୍ଠୀ ସ୍ୱାସ୍ଥ୍ୟକର୍ମୀ ରୋଗୀଙ୍କ କଟୁ ମନ୍ତବ୍ୟରେ ଦୁର୍ବ୍ୟବହାର କରୁଥିବା ନେଇ ସୁନା ଯେନାଙ୍କ ସମେତ ଅନ୍ୟରୋଗୀମାନେ ଅଭିଯୋଗ କରିଛନ୍ତି। ଏପରି କି ନିରାମୟ ଔଷଧକୁ ରୋଗୀଙ୍କୁ ପ୍ରଦାନ କରିବା ପରିବର୍ତ୍ତେ ଫୋପଡ଼ା ଯାଉଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ଜଣେ ପୁରୁଷ ଓ ଜଣେ ମହିଳା ଏଏନ୍ଏମ୍ ମଧ୍ୟ ନିୟମିତ ଅସୁ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟ କର୍ମୀ ମିନତୀ ଜେନା କହିଛନ୍ତି, ଠିକ୍ ସମୟରେ ସକାଳେ ଅଫିସ ଆସି ସରପଞ୍ଚଙ୍କ ପାଖକୁ ଯାଇଥିଲେ। ଅଭିଯୋଗକୁ ଅସ୍ୱୀକାର କରିବା ସହ ତମେ କାହିଁକି ମୋ ପଛରେ ପଡ଼ିଛ, ତମେ କିଏ ମତେ ପ୍ରଶ୍ନ କରିବାକୁ? କହି ଫୋନ କାଟିଦେଇଥିଲେ। ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ପ୍ରଭାତ ନାୟକ କହିଛନ୍ତି, ଏହା ଏକ ନିନ୍ଦନୀୟ ଘଟଣା, ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ମାଇନିଂ ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

ବାରିପଦା,୬।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ): ବାରିପଦା ଟାଉନ ଥାନା ପୋଲିସ ମାଇନିଂ ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଶୁନଗଡ଼ିଆ ଅଞ୍ଚଳର ଏମଡି ସମୀର ଉଲ୍ ହକ। ଅଭିଯୋଗ ଅନୁଯାୟୀ, ବୁଢାବଳଙ୍ଗ ନଦୀ କୂଳରେ ଥିବା କରତବସା ନିକଟରେ ଏକ ବେଆଇନ ବାଲି ଉତ୍ତୋଳନ ନେଇ ଖବର ପାଇ ମାଇନିଂ ଅଧିକାରୀ ଟିମ ସହ ଚଢ଼ାଉ କରିଥିଲେ। ଚଢ଼ାଉ କରି ଟ୍ରାକ୍ଟରକୁ ଧରି ୩୦ ହଜାର ୬୧୨ଟଙ୍କା ଜରିମାନା ଆଦାୟ କରିଥିଲେ। ଘଟଣା ସମ୍ପର୍କରେ ଖବର ଦେବାକୁ ନେଇ ପାଟିତୁଣ୍ଡ ହୋଇଥିଲା। ପରେ ମାଇନିଂ ଅଧିକାରୀ ଦିଲ୍ଲୀପ କୁମାର ମାହାନ୍ତା ଏବଂ ତାଙ୍କର କର୍ମଚାରୀମାନେ ଅନ୍ୟ ଏକ ସ୍ଥାନକୁ ଯିବାକୁ ବାହାରୁଥିବା ସମୟରେ ପଛପଟୁ ସେମାନଙ୍କ ଉପରକୁ ପଥର ମାଡ଼ ହୋଇଥିଲା। ଏଥିରେ ଅଧିକାରୀଙ୍କ କାରର ପଛ କାଚ ଭାଙ୍ଗି ଯାଇଥିଲା। ଉକ୍ତ ଘଟଣାରେ ଆହୁରି ୩ରୁ ୪ଜଣ ସମ୍ପୃକ୍ତ ଥିବା ବେଳେ ଆଗକୁ ଗିରଫଦାରୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ବାରିପଦା ଟାଉନ ଥାନା ଅଧିକାରୀ ସୁମିତ କୁମାର ସୋରେନ ସୂଚନା ଦେଇଛନ୍ତି।

